RNI No.ODIODI/2010/33031

୧୦ମ ବର୍ଷ Volume-10

ସଂଖ୍ୟା- ୯୫ Issue- 95

ଭୁବନେଶ୍ୱର, ଶୁକ୍ରବାର ୨୧ ଜୁନ୍ ୨୦୧୯

Bhubaneswar, Friday 21 June 2019

୦୮ ପୃଷ୍ଠା Pages-08

ମୂଲ୍ୟ : ୨.୦୦ ଟଙ୍କା Price : Rs.2.00

www.odishamanthan.com

MANTHAN

# ମନ୍ଥନ

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




ବାଂଲାଦେଶ ବିପକ୍ଷରେ ଡେଭିଡ୍ ୱାର୍ଣ୍ଣରଙ୍କ ୧୬୬ ରନ୍

# ୫୦୦ ଫୁଟ୍ ତଳକୁ ଖସିଲା ବସ୍

## ୨୫ ମୃତ, ୩୦ ଗୁରୁତର



ନୂଆଦିଲ୍ଲୀ, ୨୦।୬: ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ଗୁରୁବାର ଏକ ବଡ଼ ଧରଣର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ବସ୍ ୫୦୦ ଫୁଟ୍ ଗଭୀର ଖାତକୁ ଖସି ପଡିବାରୁ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ୩୦ ଜଣ ଆହତ ହୋଇଛନ୍ତି। ଏହି ଘଟଣା କୁଲୁର ବଞ୍ଜାରଠାରୁ ଏକ କିଲୋମିଟର ଦୂରରେ ଘଟିଛି।

ବସ୍ କୁଲୁର ବଞ୍ଜାରୁ ଏକ କିଲୋମିଟର ଆଗକୁ ଯାଇ ଭିୟୋଠ ବାଙ୍କ ନିକଟରେ ୫୦୦ ଫୁଟ ଗଭୀର ଖାତକୁ ଖସି ପଡିଛି। ବସ୍‌ଟି କୁଲୁରୁ ଗାଡାଗୁଶୈଣୀ ଅଭିମୁଖେ ଯାତ୍ରା କରୁଥିଲା। ବସ୍‌ରେ ପାଖାପାଖି ୪୦ରୁ ୫୦ ଯାତ୍ରୀ ଥିବାର ଅନୁମାନ କରାଯାଉଛି। ଖାତରେ ଆହତଙ୍କୁ ବାହାର କରିବା ପାଇଁ ପୋଲିସ୍ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହୟତାରେ ଉଦ୍ଧାର କାର୍ଯ୍ୟ ଆଗେଇ ଚାଲିଥିଲା।

ଖବର ଲେଖା ହେବା ପର୍ଯ୍ୟନ୍ତ ଦୁର୍ଘଟଣାର ସ୍ଥଳରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ମୃତକଙ୍କ ମଧ୍ୟରେ ୬ ଯୁବତୀ ଓ ୧୨ ଶିଶୁ ରହିଥିଲେ। ୨୫ ଜଣଙ୍କ ମୃତ୍ୟୁ ଘଟିଥିବାର ଜଣାପଡିଛି। ମୃତକଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଦୁର୍ଘଟଣା ଏତେ ଭୟଙ୍କର ରହିଥିଲା ଯେ, ବସ୍‌ର ଉପର ଭାଗ ସମ୍ପୂର୍ଣ୍ଣ ଉଡି ଯାଇଥିଲା।

# ଆଜି ଖୋଲିବ ସମସ୍ତ ସ୍କୁଲ



ଭୁବନେଶ୍ୱର, ୨୦।୬ (ନି.ପ୍ର.): ଶୁକ୍ରବାର ଖୋଲିବ ରାଜ୍ୟର ସମସ୍ତ ସ୍କୁଲ। ପାଗରେ ପରିବର୍ତ୍ତନ ତଥା ଖରା କମିଯିବାରୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରଥମେ ଜୁନ୍ ୧୯ ତାରିଖରେ ସ୍କୁଲ ଖୋଲିବାର ଥିଲା। ମାତ୍ର ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଙ୍ଗଳବାର ଖରାଛୁଟି ଅବଧିକୁ ବଢ଼ାଇଥିଲେ ରାଜ୍ୟ ସରକାର। ତଦନୁଯାୟୀ ସ୍କୁଲଗୁଡିକ ୨୬ ତାରିଖରେ ଖୋଲିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେବା ସହ ପାଗରେ ପରିବର୍ତ୍ତନ ଦେଖାଦେଇଛି। ତେଣୁ ଏହି ନିଷ୍ପତ୍ତିକୁ ବଦଳାଇ ୨୧ ତାରିଖ ଅର୍ଥାତ୍ ଶୁକ୍ରବାର ଦିନ ସମସ୍ତ ସ୍କୁଲ ଖୋଲିବ ବୋଲି ପୁନର୍ବାର ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି।

## ଯୁକ୍ତ ତିନି ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୨୦।୬ (ନି.ପ୍ର.): +୩ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୪ ତାରିଖରୁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଜୁଲାଇ ୮ ରଖାଯାଇଛି। ସେହିଭଳି ଜୁଲାଇ ୧୮ରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୫ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଅଗଷ୍ଟ ୨୪ରୁ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, +୨ ବିଜ୍ଞାନ ପରୀକ୍ଷାଫଳ ଜୁନ୍ ୩ରେ ପ୍ରକାଶ ପାଇଥିବା ବେଳେ ସିଏଚ୍‌ଏସ୍‌ଇ ଦ୍ୱାରା ପରିଚାଳିତ +୨ କଳା, ବାଣିଜ୍ୟ ତଥା ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ପ୍ରକାଶ ପାଇବ।

## ୨୪ ଘଣ୍ଟା ମଧ୍ୟରେ ଛୁଇଁବ ମୌସୁମୀ



ଭୁବନେଶ୍ୱର, ୨୦।୬ (ନି.ପ୍ର.): ଓଡ଼ିଶାର କିଛି ସ୍ଥାନରେ ତାତି ସାମାନ୍ୟ କମିଛି କିନ୍ତୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିଲାଣି। ମୌସୁମୀ ଜୁନ୍ ୮ରେ କେରଳ ଛୁଇଁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଓଡ଼ିଶାକୁ ଆସିପାରିନଥିଲା। ମାତ୍ର ଆସନ୍ତା ୨୪ ଘଣ୍ଟା ଭିତରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଚଳିତ ଥର ଓଡ଼ିଶାକୁ ମୌସୁମୀ ଛୁଇଁବାରେ ବିଳମ୍ବ ହୋଇଛି। ଦକ୍ଷିଣ ଓଡ଼ିଶାକୁ ପ୍ରଥମେ ମୌସୁମୀ ଛୁଇଁବ। ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ପ୍ରଭାବରେ ଆସନ୍ତା କାଲିଠାରୁ ଉତ୍ତର ଓ ଦକ୍ଷିଣ ଉପକୂଳ ସହ ସାରା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତସିଂହପୁରରେ ଅତି ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ପଶ୍ଚିମବଙ୍ଗ ହିଂସା: ୨ ମୃତ, ୩ ଗୁରୁତର

## ଜରୁରୀକାଳୀନ ବୈଠକ ଡକାଇଲେ ମମତା ବାନାର୍ଜୀ



କୋଲକାତା,୨୦।୬: ପଶ୍ଚିମବଙ୍ଗର ବସିରହାଟ ଅଂଚଳରେ ଘଟିଥିବା ହିଂସାକାଣ୍ଡର ଗୋଟିଏ ଦିନ ପରେ ଗୁରୁବାର ଭାଟପରା ଅଂଚଳରେ ଆଉ ଏକ ହିଂସା କାଣ୍ଡ ଘଟିଥିବା ଦେଖିବାକୁ ମିଳିଛି। ଏହି ହିଂସା କାଣ୍ଡରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୭ ବର୍ଷର ଜଣେ ଗୁପ୍‌ଚୁପ୍ ବିକାଳି ଥିବା ସୂଚନା ରହିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି। ରାଜ୍ୟରେ ଲଗାତାର ହିଂସା ଉପୁଜୁଥିବା ହେତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୋଲିସ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି। ରାଜ୍ୟରେ ଲଗାତାର ହିଂସା ଉପୁଜୁଥିବା ହେତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୋଲିସ ମୁଖ୍ୟ, ଶୀର୍ଷସ୍ତରୀୟ ଅଧିକାରୀମାନଙ୍କ ମୁଖ୍ୟ ସଚିବଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଡକାଇ ଆଲୋଚନା କରିଛନ୍ତି। ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ଗୁରୁବାର ସକାଳୁ ସଂପୃକ୍ତ ଅଂଚଳରେ ବୋମା ପଡିବା ସହ ଗୁଳିଚାଳନା ହୋଇଥିଲା। ପରିସ୍ଥିତିକୁ ଆୟତକୁ ଆଣିବାକୁ ପୋଲିସ ଟିୟର ଗ୍ୟାସ୍ ପ୍ରୟୋଗ କରିବା ସହ ପାଲଟା ଗୁଳିଚାଳନା କରିଥିଲା। ପଶ୍ଚିମବଙ୍ଗ ପୋଲିସ ମୁଖ୍ୟ ପାରଗନାସ ଜିଲ୍ଲାର ନର୍ଥ ୨୪ରେ ସ୍ଥାନୀୟ ପୋଲିସ ଷ୍ଟେସନ୍‌ରେ ଏକ ନୂଆ ବିଲ୍ଡିଂ ଉଦ୍‌ଘାଟନ କରିବାର ମାତ୍ର କିଛି ଘଂଟା ପୂର୍ବରୁ ଏହି ହିଂସା କାଣ୍ଡ ଘଟିଛି।

## ଫନି କ୍ଷୟକ୍ଷତି ଆକଳନ ପାଇଁ ପୁଣି ଆସିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୨୦।୬ (ନି.ପ୍ର.): ବାତ୍ୟା ଫନିରେ ହୋଇଥିବା କ୍ଷୟକ୍ଷତି ଆକଳନ ପାଇଁ ଓଡ଼ିଶା ଆସୁଛନ୍ତି କେନ୍ଦ୍ରୀୟ ଟିମ୍। ବିବେକ ଭର୍ଦ୍ଧଜନଙ୍କ ନେତୃତ୍ୱରେ ୧୧ ଜଣିଆ ଟିମ୍ ଆଜି ସଂଧ୍ୟାରେ ଓଡ଼ିଶାରେ ପହଞ୍ଚିବେ। ଆସନ୍ତାକାଲି ସେମାନେ ସ୍ଥିତି ସମୀକ୍ଷା ଲାଗି ପୁରୀ ଯିବେ। ଏହା ପରେ ପୁରୀରୁ ଫେରି ମୁଖ୍ୟ ଶାସନ ସଚିବଙ୍କ ସହ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

ଗତ ମାସ ଜୁନ୍ ୩ରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ଫନି ପ୍ରଭାବରେ ବହୁ କ୍ଷୟକ୍ଷତି ହୋଇଥିଲା। ବିଶେଷ କରି ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ଆଦି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଫଳରେ କ୍ଷୟକ୍ଷତି ଅଞ୍ଚଳରେ ପ୍ରଚଣ୍ଡ ଖରା ଓ କାଳବୈଶାଖୀ ଦାଉରୁ ରକ୍ଷା ପାଇଁ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଛାତ ଟିକେ ନଥିଲା।

## ଏକକ ନିର୍ବାଚନ ପ୍ରସ୍ତାବକୁ ରାଷ୍ଟ୍ରପତିଙ୍କ ସମର୍ଥନ



ନୂଆଦିଲ୍ଲୀ, ୨୦।୬ (ନି.ପ୍ର.): ଆଜି ସଂସଦର ପ୍ରଥମ ଅଧିବେଶନରେ ଉଭୟ ଲୋକସଭା ଓ ରାଜ୍ୟସଭାର ସମସ୍ତ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କେନ୍ଦ୍ର ସରକାରଙ୍କ ଏକକ ନିର୍ବାଚନ ପ୍ରସ୍ତାବ ପ୍ରସଂଗରେ ନିଜର ସମର୍ଥନ ଜଣାଇଛନ୍ତି। ଏକକ ନିର୍ବାଚନ ଏକ ବିକାଶ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବ ବୋଲି କହି ସାଂସଦମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହି ପ୍ରସ୍ତାବକୁ ସମର୍ଥନ କରିବାକୁ ପରାମର୍ଶ ଦେଇଛନ୍ତି। ଗତ କେତେ ଦଶନ୍ଧି ଭିତରେ ଭାଗ ଭାଗ ହୋଇ ନିର୍ବାଚନ ହେଉଥିବା ହେତୁ ଏହା ଦେଶର ବିକାଶ ଉପରେ ବିଶେଷ ପ୍ରଭାବ ପକଇ ଆସୁଛି ବୋଲି ସେ ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକକ ନିର୍ବାଚନକୁ ନେଇ ଆଲୋଚନା କରିବାକୁ ଏକ ବୈଠକ ଡକାଇବାର ଠିକ୍ ପରଦିନ ରାଷ୍ଟ୍ରପତି କୋବିନ୍ଦ ତାଙ୍କର ସମର୍ଥନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ଦେଶରେ ଦେଶରେ ଏକକ ନିର୍ବାଚନ ପ୍ରସ୍ତାବ ପ୍ରସଂଗରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଦଳକୁ ନେଇ ଏକ ବୈଠକ ଡାକିଥିଲେ। ତେବେ, ଏହି ବୈଠକରେ କଂଗ୍ରେସ ସମେତ ସମୁଦାୟ ୮ଟି ବିରୋଧୀଦଳ ଅନୁପସ୍ଥିତ ରହିଥିଲେ। ମୋଦୀ ବୈଠକକୁ ସମ୍ବୋଧନ ଏହି ପ୍ରସ୍ତାବ ଉପରେ ପରାମର୍ଶ ଦେବା ପାଇଁ ଆଗକୁ ଏକ କମିଟି ଗଠନ କରାଯିବ ବୋଲି ମତ ଦେଇଥିଲେ।

## ଦେଶରେ ସିଟି ଗ୍ୟାସ୍ ବିତରଣରେ ପୁଞ୍ଜି ନିବେଶ କରିବ ଋଷ



ଭୁବନେଶ୍ୱର, ୨୦।୬ (ନି.ପ୍ର.): ଋଷର ଉପ-ପ୍ରଧାନମନ୍ତ୍ରୀ ଏଚ୍.ଇ ୟୁରି ପି ତୃଟନେଭ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ବୁଧବାର ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତ ଏବଂ ଋଷ ମଧ୍ୟରେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ନୂଆ ସମ୍ଭାବନା ଖୋଜିବା ସହ ସହଯୋଗ ପାଇଁ ଗୁରୁତ୍ୱଆରୋପ କରାଯାଇଥିଲା। ଆଗାମୀ ଦିନରେ ଭାରତରେ ସିଟି ଗ୍ୟାସ ବିତରଣରେ ପୁଞ୍ଜି ନିବେଶ କରିବା ପାଇଁ ଋଷର କମ୍ପାନୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ବୋଲି ଟ୍ୱିଟର ମାଧ୍ୟମରେ ଶ୍ରୀ ପ୍ରଧାନ ଜଣାଇଛନ୍ତି। ଏହାସହ ଭାରତ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଋଷରେ ପୁଞ୍ଜି ନିବେଶ କରିବା ପାଇଁ ଇଚ୍ଛୁକ ଥିବା ମଧ୍ୟ ବୈଠକରେ ଆଲୋଚିତ ହୋଇଥିଲା। ପୂର୍ବ ଋଷରୁ ଭାରତର ପୂର୍ବତଟ ପର୍ଯ୍ୟନ୍ତ ନୌ-ମାର୍ଗ ପ୍ରତିଷ୍ଠା ହେଲେ ଉର୍ଜା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ବୈଠକରେ ଆଲୋକପାତ କରାଯାଇଥିଲା। ଏହାବ୍ୟତିତ ଏହି ବୈଠକରେ ଋଷର ଉପ-ପ୍ରଧାନମନ୍ତ୍ରୀ ଏଚ.ଇ ତୃଟନେବ ସେପ୍ଟେମ୍ବର ୧୯ରେ ଭ୍ଲାଡିଭୋଷ୍ଟୋକରେ ଅନୁଷ୍ଠିତ ହେବାକୁ ଥିବା ୫ତମ ଇଷ୍ଟର୍ଣ୍ଣ ଇକୋନୋମିକ ଫୋରମ ଉପରେ ଅବଗତ କରାଇଥିଲେ।

# ସିଡିଏମ୍‌ଓ ସମ୍ମିଳନୀ | ଠିକା ଡାକ୍ତରଙ୍କ ବୟସସୀମା ୭୦ ହେବ

ଭୁବନେଶ୍ୱର, ୨୦।୬ (ନି.ପ୍ର.): ଅବସର ଗ୍ରହଣ କରିଥିବା ଡାକ୍ତରମାନେ ଏଣିକି ୭୦ବର୍ଷ ବୟସ ପର୍ଯ୍ୟନ୍ତ ସରକାରୀ ଚିକିତ୍ସାଳୟରେ ଠିକା ଭିତ୍ତିରେ କାର୍ଯ୍ୟ କରିପାରିବେ। ପୂର୍ବରୁ ଏହି ବୟସସୀମାକୁ ସରକାର ୬୮ବର୍ଷ ଧାର୍ଯ୍ୟ କରିଥିଲେ। ଆଜି ସିଡିଏମ୍‌ଓ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି ସୂଚନା ଦେବା ସହିତ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି ଆସନ୍ତା ଜୁଲାଇ ୧୫ ତାରିଖ ମଧ୍ୟରେ ତାହାର ତାଲିକା ପ୍ରସ୍ତୁତ ପାଇଁ ସିଡିଏମ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମିଳନୀରେ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଜିଲ୍ଲାୱାରୀ ସମୀକ୍ଷା କରିବା ସହିତ କେଉଁଠାରେ କି ପ୍ରକାର ଆବଶ୍ୟକତା ରହିଛି ତାହା ଉଲ୍ଲେଖ କରିବା ସହିତ ବିହିତ ପଦକ୍ଷେପ ନେବାକୁ ସିଡିଏମ୍‌ଓମାନଙ୍କୁ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତ ଡାକ୍ତରଙ୍କ ବୟସସୀମାକୁ ଦୁଇବର୍ଷ ବଢାଇବା ସହିତ ୭୦ବର୍ଷ ବୟସ ହୋଇନଥିବା ଅବସରପ୍ରାପ୍ତ ଡାକ୍ତରମାନଙ୍କ ତଥ୍ୟ ଟ୍ରେଜେରୀରୁ ସଂଗ୍ରହକରି ଆସନ୍ତା ଜୁଲାଇ ୧୫ ସୁଦ୍ଧା ସରକାରଙ୍କୁ ତାଲିକା ଦେବାପାଇଁ ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ସଂକ୍ରାନ୍ତରେ ସିଡିଏମ୍‌ଓ ସମ୍ମିଳନୀରେ ସମୀକ୍ଷା କରାଯାଇଥିଲା। ଏଥିରୁ ଜଣାଯାଇଛି ଯେ ମଞ୍ଜୁରୀପ୍ରାପ୍ତ ମୋଟ୍ ୬୭୧୯ଟି ପଦବୀ ଥିବାବେଳେ ସେଥିରୁ ମାତ୍ର ୫୧୩ଟି ଖାଲି ପଡିଛି। ଡାକ୍ତରଙ୍କ ସଂଖ୍ୟା କମ୍ ରହିଥିବାବେଳେ କେତେକ ସ୍ଥାନରେ ବିନା ଅନୁମତିରେ ଡାକ୍ତରମାନେ ଅନୁପସ୍ଥିତ ରହିଯାଉଛନ୍ତି। ଏଭଳି ଘଟଣାକୁ ଆଉ ବରଦାସ୍ତ କରାଯିବନାହିଁ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ନିଦାନ ଯୋଜନାରେ ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ବିନା ମୂଲ୍ୟରେ ଯୋଗାଉଛନ୍ତି। ହେଲେ କିଛି ରୋଗୀ ଡାକ୍ତରଙ୍କ ପରାମର୍ଶ ନମାନି ଘରୋଇ ସଂସ୍ଥାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ରୋକିବା ଲାଗି ବେସରକାରୀ ସଂସ୍ଥାର ରିପୋର୍ଟକୁ ସରକାରୀ ଡାକ୍ତରମାନେ ଗ୍ରହଣ ନକରିବାକୁ କୁହାଯାଇଛି। ସମସ୍ତ ପରୀକ୍ଷା ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉଥିବାରୁ ଡାକ୍ତରମାନେ ରୋଗୀଙ୍କୁ ଏଥିପାଇଁ




ପ୍ରବର୍ତ୍ତାଇବାକୁ କୁହାଯାଇଛି। ସେହିଭଳି ଡାକ୍ତରଖାନାରେ ରୋଗୀମାନଙ୍କର ହେଉଥିବା ବିଭିନ୍ନ ପରୀକ୍ଷାର ରିପୋର୍ଟକୁ ତୁରନ୍ତ ସମ୍ପୃକ୍ତ ରୋଗୀଙ୍କୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରତ ଡାକ୍ତରମାନଙ୍କର ତାଲିକା ପ୍ରସ୍ତୁତ ସହିତ କେଉଁ ସମୟରେ କେଉଁ ଡାକ୍ତର ଚିକିତ୍ସାଳୟରେ ଉପସ୍ଥିତ ରହିବେ ସେ ସଂକ୍ରାନ୍ତୀୟ 'ଡ୍ୟୁଟି ଚାର୍ଟ' ସମ୍ପୃକ୍ତ ଡାକ୍ତରଙ୍କୁ ଦିଆଯିବା ସହିତ ଡାକ୍ତରଖାନାରେ ଲଗାଯିବାପାଇଁ ସ୍ଥିର ହୋଇଛି। ଜିଲ୍ଲା ସ୍ତରରେ ଡାକ୍ତରଖାନା ପରିଚାଳନା କ୍ଷେତ୍ରରେ ସିଡିଏମ୍‌ଓମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନଙ୍କର ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁସଂଗଠିତ କରିବାପାଇଁ ଜିଲ୍ଲା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସରମାନେ ଏଣିକି ପ୍ରତିମାସରେ ଜିଲ୍ଲା ଗସ୍ତ କରିବେ। ସେଠାରେ ସ୍ୱାସ୍ଥ୍ୟସେବା ପାଇଁ କି ପ୍ରକାର ଆବଶ୍ୟକତା ରହିଛି ଓ କିଭଳି ତାହା ପୂରଣ ହେବ ସେ ସଂକ୍ରାନ୍ତୀୟ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ସିଡିଏମ୍‌ଓମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥ ପ୍ରଦାନ କରୁଥିବାବେଳେ ତାହାର ଉପଯୁକ୍ତ ବିନିଯୋଗ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। କୌଣସି ଡାକ୍ତରଖାନାରେ ଜରୁରୀ ଆବଶ୍ୟକତା ଦେଖାଦେଲେ କାଳବିଳମ୍ବ ନକରି ସିଡିଏମ୍‌ଓମାନେ 'ଫ୍ଲେକ୍ସି ପୁଲ୍'ରେ ଥିବା ଅର୍ଥରୁ ବ୍ୟୟ କରିବାପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଡାକ୍ତରଖାନା ଗୁଡିକୁ ଯୋଗାଇ ଦିଆଯାଇଥିବା ଯନ୍ତ୍ରପାତି ଆଦିର ଯେଭଳି ସଠିକ୍ ବିନିଯୋଗ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ସିଡିଏମ୍‌ଓମାନଙ୍କୁ କୁହାଯାଇଛି। ଦାନ ମାଝି ଘଟଣାର ଆଉ ଯେଭଳି ପୁନରାବୃତ୍ତି ନହୁଏ ତାହା ଉପରେ ସିଡିଏମ୍‌ଓ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି।

ଏଣିକି କୌଣସି ମୃତ ରୋଗୀଙ୍କୁ ଡାକ୍ତର ସାର୍ଟିଫିକେଟ ପ୍ରଦାନ ପୂର୍ବରୁ ମୃତକଙ୍କ ସମ୍ପର୍କୀୟ ଚାହିଁଲେ ସେମାନଙ୍କୁ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ। ମହାପ୍ରୟାଣ ଗାଡି ଯୋଗାଣରେ ଯେଭଳି କୌଣସି ସମସ୍ୟା ନଉପୁଜେ ସେଥିପାଇଁ ସିଡିଏମ୍‌ଓମାନେ ନିଜ ସ୍ତରରେ ହ୍ୱାଟ୍‌ସଆପ୍ ଗ୍ରୁପ ଗଠନ ପାଇଁ ପରାମର୍ଶ ଦିଆଯାଇଛି। ଏଥିରେ ଉପଜିଲ୍ଲାପାଳ, ବିଡିଓ ଓ ତହସିଲଦାରମାନଙ୍କୁ ଯୋଡିବାପାଇଁ କୁହାଯାଇଛି। ସିଡିଏମ୍‌ଓ ସମ୍ମିଳନୀର ଆଜି ଅନ୍ତିମ ଦିବସ ହୋଇଥିବାବେଳେ ଜିଲ୍ଲାସ୍ତରରେ ସବୁ ଲୋକଙ୍କୁ ଯେଭଳି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେଥିପାଇଁ ଜିଲ୍ଲା ଚିକିତ୍ସା ବ୍ୟବସ୍ଥାର ମୁଖ୍ୟ ସିଡିଏମ୍‌ଓମାନେ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଦାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

## ଡାହୁକ



ଲୋକ ଦେଖାଣିଆଁ କୁମ୍ଭୀର କାନ୍ଦଣା
କାନ୍ଦିଲେ କିଅଣ ହେବ
ବିହନ ନପାଇ ଚାଷୀ ଦହଗଞ୍ଜ
ଚାଷ ତା' ଉଜୁଡି ଯିବ
ଯେତେ କହିଲେ କି ଲାଭ
ଗାଲୁ ପେଲି ପେଲି ରହିବେ ସର୍କାର
ଚାଷୀ ଆତ୍ମହତ୍ୟା ହେବ।

-ବିଧୁ



# ବନ୍ୟା, ବାତ୍ୟା ମୁକାବିଲା ପାଇଁ ଢେଙ୍କାନାଳ ପ୍ରଶାସନର ତତ୍ପରତା



ଢେଙ୍କାନାଳ,୨୦।୬(ନି.ପ୍ର): ଆଗାମୀ ଏକ ସପ୍ତାହ ମଧ୍ୟରେ ଓଡିଶାକୁ ମୌସୁମୀ ଛୁଇଁବାର ସମ୍ଭାବନା ଥିବାରୁ ସମ୍ଭାବ୍ୟ ବନ୍ୟା-ବାତ୍ୟା ମୁକାବିଲା ପାଇଁ ରାଜ୍ୟବ୍ୟାପୀ ତତ୍ପରତା ପ୍ରକାଶ ପାଇବା ସହ ଏଥିପାଇଁ ସଚେତନତା ଆରମ୍ଭ ହୋଇ ଯାଇଥିବା ବେଳେ ଅନୁରୂପ ଭାବେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି । ଏହି ବନ୍ୟା-ବାତ୍ୟା ମୁକାବିଲା ପାଇଁ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଓସ୍‌ଡମାର ମୂଖ୍ୟ ସାଧାରଣ ପରିଚାଳକ ଦେବବ୍ରତ ଜେନା ଯୋଗଦେଇ ସଚେତନତା ବୈଠକ ସମ୍ପର୍କରେ ଆଲୋକପାତ କରିବା ସହିତ ବନ୍ୟା-ବାତ୍ୟାର ସଫଳ ମୁକାବିଲା ପାଇଁ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ବିଜ୍ଞାନର ଅଗ୍ରଗତି ଯୋଗୁଁ ବନ୍ୟା, ବାତ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟର ପୁର୍ବାନୁମାନ କରାଯାଇ ପାରୁଥିବ ଯୋଗୁଁ ଆଗୁଆ ସତର୍କତା ମୂଳକ ପଦକ୍ଷେପ ନିଆଯିବା ଫଳରେ ଧନଜୀବନ ରକ୍ଷା ହୋଇପାରୁଛି ବୋଲି ପ୍ରକାଶ କରିଥିଲେ । ସେହିଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସମଗ୍ର ଦେଶରେ ଆମରାଜ୍ୟ ଓଡିଶା ଏକ ଉଦାହରଣ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରି ଫନି ବାତ୍ୟା ବେଳେ ସମୁଦ୍ର ଉପକୂଳରୁ ୧୫ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ କ୍ଷୟକ୍ଷତି ରୋକା ଯାଇଥିବା ସୂଚନା ଦେବା ସହିତ ମାନବିକତାକୁ ଅଗ୍ରାଧୀକାର ଦେଇ ସମନ୍ୱୟ ଏବଂ ସହଯୋଗୀତାରେ ନିଜେ ସୁରକ୍ଷିତ ରହିବା ତଥା ଅନ୍ୟକୁ ସୁରକ୍ଷିତ ରଖିବାରେ ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନରୋତମ ବେହେରା ଯୋଗଦେଇ ସମସ୍ତଙ୍କ ସହଯୋଗ ଏବଂ ସାହାଯ୍ୟ ମନୋଭାବ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରେଡକ୍ରସ ଶାଖାର ଉପ-ସଭାପତି ବିରଂଚି ନାରାୟଣ ପାଣି ଏବଂ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ବୈଠକରେ ଓସ୍‌ଡମାର ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ, ସହକାରୀ ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ, ଅତିରକ୍ତ ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀ ଡଃ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ଜିଲ୍ଲା ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀଙ୍କ ସମେତ ଓଡ୍ରାଫ ଟିମ୍, ଅଗ୍ନିଶମ କର୍ମଚାରୀ, ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଆପାତ କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଉଦ୍ଧାର କାର୍ଯ୍ୟ ସମ୍ପର୍କିତ ଏକ ମକ୍‌ଡ୍ରିଲ୍‌ର ଆୟୋଜନ କରା ଯାଇଥିଲା ।

# ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ୟୁନିଟ୍-୮ ଡିଏଭିର ସଫଳତା







ଭୁବନେଶ୍ୱର,୨୦।୬(ନିପ୍ର): ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଜେଇଇ ଆଡ୍‌ଭାନ୍ସଡ୍ ପ୍ରବେଶିକା ପରୀକ୍ଷାରେ ୟୁନିଟ୍-୮ ଡି.ଏ.ଭି. ସ୍କୁଲ୍‌ର ୧୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । କୌସ୍ତୁଭ ପଟେଲ ୮୦୩ ର୍‍ୟାଙ୍କ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ କାହ୍ନା ଜୈନ ଦ୍ୱିତୀୟ (୨୧୯୩ ର୍‍ୟାଙ୍କ) ଏବଂ ସୋହନ ପଟ୍ଟନାୟକ ୨୬୨୩ ର୍‍ୟାଙ୍କ ହାସଲ କରିଛନ୍ତି । ପ୍ରଥମ ୧୦,୦୦୦ ର୍‍ୟାଙ୍କ ମଧ୍ୟରେ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ସ୍ଥାନିତ ହୋଇଛନ୍ତି । ସେହିପରି ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ଦୀପ୍ତିରଞ୍ଜନ ପଣ୍ଡା ୬୬୪ ନମ୍ବର (ର୍‍ୟାଙ୍କ ୪୦୯), ପ୍ରତୀକ୍ଷା ଶୁଭ ଦର୍ଶିନୀ ୬୪୪ ନମ୍ବର (୧୩୫୫ ର୍‍ୟାଙ୍କ) ଏବଂ ଶିଖା ସ୍ୱରୂପା ନାୟକ ୬୦୧ ନମ୍ବର (୭୪୨୩ ର୍‍ୟାଙ୍କ) ରଖିଛନ୍ତି । ବିଦ୍ୟାଳୟର ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଏମ୍‌ସ ପରୀକ୍ଷାରେ ଦୀପ୍ତିରଞ୍ଜନ ପଣ୍ଡା ସର୍ବ ଭାରତୀୟ ର୍‍ୟାଙ୍କ ୬୫୫ ଅଧିକାର କରିଛନ୍ତି । ନାଇଜର ପ୍ରବେଶିକା ପରୀକ୍ଷାରେ କାହ୍ନା ଜୈନ ଓଡ଼ିଶା ଟପର ହେବା ସହିତ ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି । ସୋହନ ପଟ୍ଟନାୟକ ୩୪ ର୍‍ୟାଙ୍କ ଏବଂ ଦୀପ୍ତିରଞ୍ଜନ ପଣ୍ଡା ୪୨ ର୍‍ୟାଙ୍କରେ ଅଛନ୍ତି । ପ୍ରଥମ ୧୦୦ଜଣଙ୍କ ମଧ୍ୟରେ ବିଦ୍ୟାଳୟର ୪ଜଣ ସ୍ଥାନିତ ହୋଇଛନ୍ତି । ଜିପ୍‌ମର ପ୍ରବେଶିକା ପରୀକ୍ଷାରେ ବିଦ୍ୟାଳୟର ୬ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଜେଇଇ ମେନ୍‌ରେ ୯୫ ଜଣ କୃତକାର୍ଯ୍ୟ ହୋଇଛନ୍ତି । ବିଦ୍ୟାର୍ଥୀମାନଙ୍କର ଏହି ସଫଳତାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା, ମ୍ୟାନେଜର ଡଃ ଡି. ଏନ୍. ମିଶ୍ର ଓ ଅଧକ୍ଷା ଇପ୍‌ସିତା ଦାସ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉତ୍ତରୋତ୍ତର କାମନା କରିଛନ୍ତି ।

# ଟ୍ରକ୍‌କୁ ପିଟିଲା କାର୍ : ଜଣେ ମୃତ, ୨ ଗୁରୁତର



ରାୟଗଡ଼ା,୨୦।୬(ନିପ୍ର): ରାୟଗଡ଼ା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ଶିରିଗୁଡ଼ାଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ ତିନିଜଣ ଆହତ ହୋଇଛନ୍ତି । ମୃତକଙ୍କ୍ ପରିଚୟ ମାନସ ଦାସ ବୋଲି ଜଣାପଡ଼ିଛି । ଗୋଟିଏ ପରିବାରର ୬ଜଣ ମିଶି ଆଜି ଏକ କାର ଯୋଗେ ଦାମନଯୋଡ଼ିରୁ ରାୟଗଡ଼ା ଅଭିମୁଖେ ଆସୁଥିବା ବେଳେ ଶିରିଗୁଡ଼ା ନିକଟରେ ରାସ୍ତା ଉପରେ ଥିବା ଏକ ଟ୍ରକକୁ ପିଟିଦେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ତେବେ ଏହି ଦୁର୍ଘଟଣାରେ ପରିବାରର ମା' ଓ ପୁଅ ଅଧିକ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନନ୍ତର କରାଯାଇଛି ।

# କିନ୍ନରମାନଙ୍କ ବୋହୁଚେରା ମାତା ପୂଜାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୦।୬(ନିପ୍ର): କିନ୍ନରମାନଙ୍କ କୁଳଦେବୀ ହେଉଛନ୍ତି ବୋହୁଚେରା ମାତା । ଏହି ବୋହୁଚେରା ମାତାଙ୍କୁ କିନ୍ନରମାନେ ପୂଜାର୍ଚ୍ଚନା କରିବା ସହ ଯାହା ମାନସିକ କରିଥାନ୍ତି ତାହା ପୂରଣ ହେବା ସହ କିନ୍ନର ଜନ୍ମରୁ ମୁକ୍ତି ପାଇବା ପାଇଁ ଏହି ପୂଜା କରାଯାଏ । ଆଜି ଓମ୍ କିନ୍ନର ଡ଼ମଣାସ୍ଥିତ କିନ୍ନର ବସ୍ତିରେ ବୋହୁଚେରା ମାତା ପୂଜା କରିଥିଲେ । ସକାଳୁ ମା'ଙ୍କୁ ହଳଦୀ ପାଣିରେ ଗାଧୋଇ ଦେବା ସହ ଧୂପ, ଦୀପ, ଫଳ, ଫୁଲ ଭୋଗ ଅର୍ପଣ କରି ଦିନସାରା ଉପାସ ରହି ଏହି ପୂଜାର୍ଚ୍ଚନା କରିଥିଲେ । କିନ୍ନରମାନଙ୍କ ବଡ଼ ଗୁରୁ ସୁଇଟି କିନ୍ନର ଓ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ଏହି ବସ୍ତିରେ ନିମ୍ବ, ଅଶୋକ, କଦମ୍ବ, ବଉଳ ଭଳି ବିଭିନ୍ନ ପ୍ରକାର ଔଷଧୀୟ ଗଛ ରୋପଣ କରାଯାଇଥିଲା । ଏହା ବ୍ୟତୀତ ଭୁବନେଶ୍ୱର, ବ୍ରହ୍ମପୁର ସମେତ ରାଜ୍ୟର ବହୁ ଖାଲି ଜାଗାଗୁଡ଼ିକରେ ବିଭିନ୍ନ ସମୟରେ କିନ୍ନରମାନଙ୍କ ଦ୍ୱାରା ଔଷଧୀୟ ଗଛ ରୋପଣ କରାଯିବା ସହ ମାଗଣାରେ ମଧ୍ୟ ଗଛ ବଣ୍ଟନ କରାଯିବ । ଏଠାରେ ଉଲ୍ଲେଖଥାଉକି, ଓଡ଼ିଶାରେ ହୋଇଥିବା ମହାବାତ୍ୟା ଫନି ପ୍ରଭାବରେ ୬୦%ରୁ ଉର୍ଦ୍ଧ୍ୱ ଗଛ ନଷ୍ଟ ହୋଇଥିବା ବେଳେ ଭବିଷ୍ୟତରେ ଅମ୍ଳଜାନର ଅଭାବକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ କିନ୍ନର ସଂଘ ତରଫରୁ ଏହା ଏକ ବଡ଼ ପ୍ରୟାସ । ଏହି କାର୍ଯ୍ୟକ୍ରମରେ କିନ୍ନର ନେତ୍ରୀ ସୋନମ କିନ୍ନର, ମେନକା କିନ୍ନର, ରମା କିନ୍ନର, ଶ୍ରୀଦେବୀ, କମଳା, ଚନ୍ଦା, ତନିସା, ପ୍ରିୟା, ଜୁଲି, ଗୁଡୁଲି, ଖୁସି କିନ୍ନର ଓ ଭେଣ୍ଡିଂଜୋନର ଅନୁଜ ପ୍ରଧାନ ପ୍ରମୁଖ ଯୋଗ ଦେବା ସହ ଗଛ ରୋପଣ କରିଥିଲେ ।

# ନଦୀରୁ ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ଢେଙ୍କାନାଳ,୨୦।୬(ନିପ୍ର): ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ଅଧିନ ବଣିଆଁସାହି ଗାଁ ନିକଟ ସାପୁଆ ନଦୀରୁ ଜଣେ ବୃଦ୍ଧଙ୍କ ଶବକୁ ନିଖୋଜର ଏକ ସପ୍ତାହପରେ ଉଦ୍ଧାର କରାଯାଇଛି । ଗତ ୧୧ ତାରିଖ ଦିନ ନିକଟସ୍ଥ ବଣିଆଁସାହିର ବୃଦ୍ଧ ଲିଙ୍ଗରାଜ ନାଏକ (୬୫) ଗାଧୋଇବା ପାଇଁ ଯାଇ ଘରକୁ ନ ଫେରିବାରୁ ପରିବାର ସଦସ୍ୟମାନେ ଖୋଜାଖୋଜି କରିଥିଲେ । ବ୍ୟାପକ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ନ ପାଇବାରୁ ପୋଲିସ୍ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୋଲିସ୍ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଆଜି ନଦୀ ମଝିର ଏକ କାଶତଣ୍ଡି ବୁଦା ମୂଳରୁ ବୃଦ୍ଧଙ୍କ ଶବକୁ କେତେକ ଲୋକ ଦେଖି ଚିହ୍ନିବା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ପରିବାର ସଦସ୍ୟମାନେ ପହଁଚି ଶବକୁ ଉଦ୍ଧାର କରି ଘରକୁ ନେଇ ଯାଇଥିଲେ । ପୋଲିସକୁ ସୂଚନା ନ ଦେଇ ଶବକୁ ପରିବାର ସଦସ୍ୟ ସତ୍କାର କରିଥିବା ପୋଲିସ୍ ପ୍ରକାଶ କରିଛି । ବୃଦ୍ଧଙ୍କ ମୃତ୍ୟୁକୁ କେନ୍ଦ୍ର କରି ଗ୍ରାମବାସୀ ମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି ।

# ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ କିନ୍ନରମାନଙ୍କ କଲ୍ୟାଣ ପାଇଁ କ୍ଷମତା ଏକ୍ସପ୍ରେସର ଶୁଭାରମ୍ଭ

କଟକ,୨୦।୬(ନିପ୍ର): କଟକ ଜିଲ୍ଲାରେ ଭିନ୍ନକ୍ଷମ,ବରିଷ୍ଠ ନାଗରିକ ଓ କିନ୍ନର ମାନଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ଅଗ୍ରୱାଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ସୁବ୍ୟବସ୍ଥା କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'କ୍ଷମତା ଏକ୍ସପ୍ରେସ' (ବସ୍)କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀ ଶ୍ରୀକାନ୍ତ ତରାଇ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସରୋଜ କାନ୍ତ ମହାନ୍ତି ପତକା ଦେଖାଇ ଶୁଭଉଦ୍‌ଘାଟନ କରିଛନ୍ତି । ଏହି 'କ୍ଷମତା ଏକ୍ସପ୍ରେସ' ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୫ ଗୋଟି ବ୍ଲକ୍ ଯଥା-ବାରଙ୍ଗ,ସାଲେପୁର,କଟକ ସଦର,ବାଙ୍କୀ ଓ ବାଙ୍କୀ ଡମପଡା ଅନ୍ତର୍ଗତ ୧୦ ଗୋଟି ପଂଚାୟତ ପରିକ୍ରମା କରି ଚଳିତ ମାସ ଶେଷ ପର୍ଯ୍ୟନ୍ତ ଭିନ୍ନକ୍ଷମ ମାନଙ୍କର ଚିହ୍ନଟ, ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ୟୁ.ଡି.ଆଇ.ଡି (ୟୁନିକ୍ ଡିଜାବିଲିଟି ଆଇଡେନଟିଟି) ରେଜିଷ୍ଟ୍ରେସନ, ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି ପରିକ୍ଷା, ଫିଜିଓଥେରାପି, କୃତ୍ରିମ ଅଙ୍ଗ ପ୍ରତ୍ୟେଙ୍ଗ ପାଇଁ ମାପ ନିର୍ଦ୍ଧାରଣ,ସହାୟକ ଉପକରଣ ପାଇଁ ଯୋଗ୍ୟ ବ୍ୟକ୍ତି ଚିହ୍ନଟ, ଧନ୍ଦାମୂଳକ ଦକ୍ଷତାଭିତିକ ତାଲିମ ନିମନ୍ତେ ମନୋନୟନ, ଛାତ୍ର ବୃତି ନିମନ୍ତେ ପରାମର୍ଶ ଓ ରେଜିଷ୍ଟ୍ରେସନ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ନିମନ୍ତେ ପରାମର୍ଶ ଏବଂ ବରିଷ୍ଠ ନାଗରିକ ଓ କିନ୍ନର ମାନଙ୍କ ସାମାଜିକ ସ୍ଥିତି ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦିଆଯିବ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ଭିନ୍ନକ୍ଷମ ବିବାହ କରିଥିବା ପ୍ରତ୍ୟେକ ପାଂଚ ଦମ୍ପତି ନିଶ୍ଚିନ୍ତକୋଇଲି ବ୍ଲକ୍ ର କଳ୍ପନା ସେଠୀ ଏବଂ ଅରୁଣ ସେଠୀଙ୍କୁ, ସାଲେପୁର ବ୍ଲକ୍ ର ମାନିନୀ ଦଳାଇ ଏବଂ ବିରଂଚି ଦଳାଇ, ଆଠଗଡର ପ୍ରଶାନ୍ତ ଦାସ ଓ ସତ୍ୟଭାମା ପାଣ୍ଡେ, ମାହାଙ୍ଗାର ବିଳାସ କୁମାର ପୃଷ୍ଟି ଓ ପ୍ରତିମାପୃଷ୍ଟି ଏବଂ କଟକ ମହାନଗର ନିଗମ ଅଧିନରେ କୃଷ୍ଣ ଚନ୍ଦ୍ର ବେହେରା ଓ କଲ୍ୟାଣି ବେହେରାଙ୍କୁ ୫୦ହଜାର ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ପ୍ରକାଶଥାଉକି, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କଟକ ଜିଲ୍ଲା ପ୍ରଶାସନ ଓ ଆନଜେଲସ୍ ଆଣ୍ଡ ଆର୍କସ,ସିଡିଏ କଟକ ସହାୟତାରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଶ୍ରୀ ଅଶୋକ କୁମାର ମିଶ୍ର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ କୁମାର ଷଡଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ବେହେରା ଓ ଡେପୁଟି କଲେକ୍ଟର ଜରୁରୀ ଅନିତା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ନିଜର ମହାନତା ଦେଖାଇଲେ ଗୁଆମାଳ ସରପଞ୍ଚ

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନକଲେ ୩ ବର୍ଷର ଦରମା




ତିହିଡ଼ି,୨୦।୬(ନିପ୍ର): ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ଯୁବ ସରପଞ୍ଚ ପ୍ରଦୀପ କୁମାର ପଣ୍ଡା ନିଜର ମହାନତା ଦେଖାଇଛନ୍ତି । ନିଜର ୩ ବର୍ଷର ଦରମା ୬୬ ହଜାର ୯ ଶହ ୬୦ ଟଙ୍କାର ଏକ ଚେକ ରିଲିଫ ଫଣ୍ଡ ଉଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଭୁବନେଶ୍ୱର ନବୀନ ନିବାସରେ ସରପଞ୍ଚ ପ୍ରଦୀପ ପଣ୍ଡା ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ଚେକ ପ୍ରଦାନ କରିଛନ୍ତି । 'ଫଣି ବାତ୍ୟାରେ ଆପଣ ଯେଉଁପରି ଲୋକଙ୍କୁ ଥଇଥାନ କରିବା ସହ ଏହାକୁ ମୁକାବିଲା କରିଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ଏକ ଗୁଣ୍ଡୁଚି ମୂଷା ପରି ମୋର ଏହି ସାହାଯ୍ୟ ଫଣି କ୍ଷତିଗ୍ରସ୍ତଙ୍କ କାର୍ଯ୍ୟରେ ଲାଗିବ' ବୋଲି ଶ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ତାଙ୍କ ସହ ସମାଜସେବୀ ରଣଜିତ ଦାସ ମଧ୍ୟ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ଠାରୁ ସ୍ମିତହାସ୍ୟ ସହ ଏହି ଚେକ ଗ୍ରହଣ କରିଥିବା ଜଣାଯାଇଛି । ନିଜ ପଞ୍ଚାୟତରେ ବିଭିନ୍ନ ପ୍ରକାର ଲୋକହିତକର କାର୍ଯ୍ୟକରି ଶ୍ରୀ ପଣ୍ଡା ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ତାଙ୍କର ଏହି ବାଦାନ୍ୟତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ବର୍ଷାର ଆଗମନରେ ଭୟଭୀତ ବୁଢ଼ିଖମାରୀ ଶାସନ ବାସିନ୍ଦା

ବାରିପଦା,୨୦/୦୬(ନିପ୍ର): ବାରିପଦା ସହରରେ ତିନି ଦିନ ଧରି ଝିପି ଝିପି ବର୍ଷା ଲାଗି ରହିଥିଲା ବେଳେ କିଛି ଦିନ ଧରି ଲାଗି ରହିଥିବା ଗୁଳୁଗୁଳି ଏବଂ ତାତିରୁ ମୁକ୍ତି ପାଇଛନ୍ତି ବାରିପଦା ସହର ବାସିନ୍ଦା । ଆଞ୍ଚଳିକ ପାଣିପାଗ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ବର୍ଷାର ପରିମାଣ ସ୍ୱଭାବିକ ରହିବ ଏବଂ ଦିନେ ଦୁଇ ଦିନ ମଧ୍ୟରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଭଳି ପୁର୍ବାନୁମାନକୁ ନେଇ ବାରିପଦା ସହରର କେତେକ ତଳିଆ ଅଞ୍ଚଳ ବିଶେଷ କରି ଭଞ୍ଜପୁର ବୁଢିଖମାରୀ ଶାସନ, ବେଲଗଡିଆର ତଳିଆ ଅଞ୍ଚଳ ଏବଂ ବୁଢିଖମାରୀ ଅଞ୍ଚଳର ବାସିନ୍ଦାଙ୍କ ମନରେ ବନ୍ୟାର ଭୟ ସଞ୍ଚାରିତ ହେବାରେ ଲାଗିଛି । ବୁଢୀଖମାରୀ ଶାସନ, ବେଲଗଡିଆ ଏବଂ ବୁଢୀକମାରୀ ଅଞ୍ଚଳ ଦେଇ ଚିପୋଟ ନଦୀ ପ୍ରବାହିତ ହେଉଛି । ଚିପୋଟ ନଦୀ ଛୋଟ ନଦୀ ହେଲେ ମଧ୍ୟ ବର୍ଷା ଦିନେ ବହୁବାର ତାର ବନ୍ୟାର କରାଳ ରୂପ ଦେଖିବାକୁ ମିଳିଥିବା ବେଳେ ଗତ ଫାଇଲିନ୍‌ରେ ସଂପୃକ୍ତ ଅଞ୍ଚଳରେ ବହୁ ଘରଦ୍ୱାରକୁ ପ୍ରଭାବିତ କରିଥିଲା । ଫାଇଲିନ୍‌ର କିଛି ବର୍ଷ ବିତି ଯାଇଥିଲେ ମଧ୍ୟ ସଂପୃକ୍ତ ଅଞ୍ଚଳ ଗୁଡିକର ଜନବସତି ଅଞ୍ଚଳକୁ ବନ୍ୟାଜଳ ନ ପଶିବା ପାଇଁ କିମ୍ବା ବନ୍ୟା ଜଳକୁ ତୁରନ୍ତ ନିଷ୍କାସନ କରିବା ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହାଛଡା ନଦୀର ଜଳ ପ୍ରବାହକୁ ଠିକ୍ ଭାବରେ ନିଷ୍କାସିତ କରିବାରେ ସହାୟକ ହେଉଥିବା ଏବଂ ବନ୍ୟାଜଳକୁ ଅନ୍ୟତ୍ର ମାଡିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନଦୀର ଉଭୟ ପାର୍ଶ୍ୱରେ ଥିବା ବହୁ ପୁରାତନ ପ୍ରାକୃତିକ ବାଲିର ଆଡିବନ୍ଧଗୁଡିକୁ କେତେଜଣ ବାଲି ମାଫିଆ, ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତି ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ସହଯୋଗରେ ସଂପୁର୍ଣ୍ଣ ଭାବରେ ଖୋଳି ନେଇ ଯିବା ମଧ୍ୟ ଅଳ୍ପ ବର୍ଷାରେ କୃତ୍ରିମ ବନ୍ୟା ଶୃଷ୍ଟି ହେବା ଅନ୍ୟ ଏକ ମୁଖ୍ୟ କାରଣ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ପ୍ରକାଶ । ସଂପୃକ୍ତ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଚିପୋଟ ନଦୀରୁ ବେଆଇନ ବାଲିଉଠାଣ ସମ୍ବନ୍ଧରେ ପ୍ରଶାସନ ପାଖରେ ବହୁବାର ଅଭିଯୋଗ ହୋଇଛି । ଗଣମାଧ୍ୟମରେ ମଧ୍ୟ ଏ ସମ୍ବନ୍ଧରେ ବହୁବାର ପ୍ରକାଶିତ ହୋଇଛି । ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଉପରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା ତହସିଲଦାର, ବାରିପଦା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଚିଠି ହୋଇଥିଲେ ମଧ୍ୟ କେହି ହେଲେ କିଛି ତଦନ୍ତ କରିନାହାନ୍ତି କିମ୍ବା କୌଣସି ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେଇ ନାହାନ୍ତି । ପ୍ରଶାସନକୁ ଖାତିର ନକରି ସମସ୍ତେ ମନଇଛା କାର୍ଯ୍ୟ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଚିଠି ଖଣ୍ଡେ ଖଣ୍ଡେ କରି ଦେଇ ଚୁପ୍‌ଚାପ୍ ବସିଛନ୍ତି । ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ କହିବା ଅନୁସାରେ ଏପରି ବେଆଇନ ବାଲି ଚାଲାଣରେ କେତେ ଜଣ ଅସାଧୁ ବାଲି ମାଫିଆଙ୍କ ଦ୍ୱାରା ନଦୀର ପ୍ରାକୃତିକ ପରିବେଶକୁ ନଷ୍ଟ କରିବା ଏବଂ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ସଂପୃକ୍ତ ଅଞ୍ଚଳରେ ବନ୍ୟାର ମୁଖ୍ୟ କାରଣ । ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଦାବୀ କରୁଛନ୍ତି ।

ଶୁକ୍ରବାର,୨୧ ଜୁନ୍ ୨୦୧୯, ଭୁବନେଶ୍ୱର
Friday, 21 June 2019, Bhubaneswar

ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଯୋଗ ଶିକ୍ଷାର ଆବଶ୍ୟକତା

'ବସୁଧୈବ କୁଟୁମ୍ବକମ୍' - ଏ ସାରା ବିଶ୍ୱ ହେଉଛି ଗୋଟିଏ ପରିବାର। ଯୋଗ ଏହା ହିଁ ଶିକ୍ଷା ଦିଏ - ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ପରିଭାଷା। ଯୁଗେ ଯୁଗେ ପୁଣ୍ୟଭୂମି ଭାରତ ଏକ ଯୋଗଭୂମି ରୂପେ ପରିଚିତ। ଯେଉଁଠି ଯୋଗ ଥାଏ - ସେଇଠି ରୋଗ ନଥାଏ। ଶରୀର ମଧ୍ୟରେ ଥିବା ଅନ୍ତର୍ମନକୁ ସୁନିୟନ୍ତ୍ରଣ କରି, ଶରୀରକୁ ସୁସ୍ଥ ତଥା ନିରାମୟ ପ୍ରଦାନ କରେ ଯୋଗ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ମାନବ ସମାଜର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶର ଏକ ଅମୋଘ ଅସ୍ତ୍ର ହେଉଛି ଯୋଗ। ଆଜି ଯୁବପିଢ଼ି ଅଶାନ୍ତି, ବିଶୃଙ୍ଖଳା ଏବଂ ଅରାଜକତା ମଧ୍ୟରେ ବୁଡ଼ି ରହିଛି। ଉପଯୁକ୍ତ ଶିକ୍ଷା ଗ୍ରହଣରେ ଆଗ୍ରହ ନାହିଁ। ଜୀବନ ଶୈଳୀ ବିଶୃଙ୍ଖଳିତ। ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ପିତାମାତାଙ୍କ ପ୍ରତି ଭକ୍ତି ନାହିଁ - ଗୁରୁଙ୍କ ପ୍ରତି ସମ୍ମାନ ନାହିଁ। ଅବଶ୍ୟ ଏଥିପାଇଁ ଯୁବ ସମାଜ ସଂପୂର୍ଣ୍ଣ ଦାୟୀ ନୁହେଁ। ଏଭଳି ଆଧୁନିକ ଯୁବ ସମାଜକୁ ଉଜ୍ଜିବୀତ କରିବା ପାଇଁ ଆମର ପ୍ରଚଳିତ ଶିକ୍ଷା ପଦ୍ଧତି ଯଥେଷ୍ଟ ନୁହେଁ। ଗୋଟିଏ ପାଖେ ଜୀବନ ଜୀବିକା ପାଇଁ ଆମେ ଅବିଦ୍ୟାକୁ ଆପଣେଇ ନେଇଛୁ ସତ, କିନ୍ତୁ ତା'ସହିତ ପ୍ରକୃତ ବିଦ୍ୟା - ଆତ୍ମିକ ବିଦ୍ୟାକୁ ଭୁଲି ଯାଉଛୁ। ଏହାର ଏକମାତ୍ର ସହଜ, ସରଳ ଏବଂ ସୁଲଭ ମାର୍ଗ ହେଉଛି, ଯୋଗ ସାଧନା ବିଦ୍ୟା ଯାହାକି ଛାତ୍ର ଜୀବନକୁ ଶୃଙ୍ଖଳିତ କରିବା ସହ ଦିବ୍ୟଚେତନାରେ ଉଦ୍‌ବୁଦ୍ଧ କରିଦିଏ। ତେଣୁ ଆଜି ସେ ସମୟ ଉପନୀତ ପ୍ରାୟ - ପ୍ରତ୍ୟେକ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଯୋଗଶିକ୍ଷାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଫଳରେ ଯୋଗଶିକ୍ଷା ମାଧ୍ୟମରେ ଏକ ଶୃଙ୍ଖଳିତ ଛାତ୍ରସମାଜ ଗଢ଼ି ଉଠି ଆମ ସୁନାର ଦେଶ ସର୍ବଶ୍ରେଷ୍ଠ ହୋଇପାରନ୍ତା। ଉତ୍ତମ ନାଗରିକ ସୃଷ୍ଟି ହୋଇ ଦେଶର ଶାସନତନ୍ତ୍ର ଶୃଙ୍ଖଳିତ ହୋଇପାରନ୍ତା। ଆଜିର ଯୁବଗୋଷ୍ଠୀ ହିଁ ଆସନ୍ତାକାଲିର ଭବିଷ୍ୟତ। ଏ ଯୋଗ ସାଧନା କ'ଣ ସତରେ ଜଣେ ଛାତ୍ରର ଅନ୍ତର୍ମନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରିବ ? ଏଥିରେ ସନ୍ଦେହର ଅବକାଶ ନାହିଁ। 'ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ, ସିଦ୍ଧ୍ୟ ସିଦ୍ଧ୍ୟୋ ସମୋ କୃତ୍ୱା ସମତ୍ୱଂ ଯୋଗ ଉଚ୍ୟତେ।' ।୪୮।

ଗୀତାର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ କହୁଛନ୍ତି - ହେ ଅର୍ଜ୍ଜୁନ ! ଭଗବାନଙ୍କୁ ଏକନିଷ୍ଠ ହୋଇ ଫଳ ଆଶା ନକରି ଭଲମନ୍ଦକୁ ସମାନ ଦୃଷ୍ଟିରେ ଦେଖି କାର୍ଯ୍ୟ କରିବା ହିଁ 'ଯୋଗ'। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ - ଆଜିର ଯୁବପିଢ଼ି ପ୍ରତ୍ୟହ ଯୋଗାଭ୍ୟାସ କରି ମାଂସପେଶୀକୁ ଲୌହ ଭଳି ଶକ୍ତିଶାଳୀ ଏବଂ ଶିରାପ୍ରଶିରାକୁ ଷ୍ଟିଲ ଭଳି କର। ନଚେତ୍ ଯୁବଶକ୍ତି କ୍ଷୁର୍ଣ୍ଣ ହୋଇଯିବ। ଯୋଗର ଲକ୍ଷ୍ୟ କ'ଣ ? ଶାରୀରିକ ସନ୍ତୁଳିତ ବ୍ୟାୟାମ ସହ ପ୍ରାଣ ବାୟୁକୁ ନିୟନ୍ତ୍ରଣ କରି ସଦ୍‌ଗୁଣର ବିକାଶ କରିବା ପ୍ରକ୍ରିୟା ହେଉଛି ଯୋଗ ସାଧନା। ବିଶେଷତଃ ଛାତ୍ରାବସ୍ଥାରୁ ଏଭଳି ଯୋଗ ସାଧନା ଦ୍ୱାରା ସେ ସୁସ୍ଥ, ସବଳ, ଶାନ୍ତ, ସ୍ଥିର, ନମ୍ର, ବିଚାରବନ୍ତ ଏବଂ ଧୈର୍ଯ୍ୟଶୀଳ ହୋଇଥାଏ। ପାଠପଢ଼ାରେ ନିମଗ୍ନ ରହିବା ସହ ସଦାଚାରି ହୋଇ ଜଣେ ଶୃଙ୍ଖଳିତ ବିଦ୍ୟାର୍ଥୀ ଭାବରେ ସମାଜରେ ପୂଜା ପାଏ। ଗୋଟିଏ ସୁସ୍ଥ ଶରୀର ହିଁ ସୁସ୍ଥ ମନକୁ ତିଆରି କରେ। ମନ ନିୟନ୍ତ୍ରଣ ରହିଲେ ଉତ୍ତମ କର୍ମ, ବିଚାର ଓ ଆଚାରରେ ଶୁଦ୍ଧତା ଆସେ। ଶେଷରେ ଜୀବନରେ ଆନନ୍ଦ ପ୍ରାପ୍ତି ହୋଇଥାଏ। ଶରୀରକୁ ସ୍ଥିର ରଖି ଅବିଚଳିତ ଭାବରେ ଶ୍ୱାସ ନିୟନ୍ତ୍ରଣ କରି ଦୀର୍ଘ ସମୟ ବସି ବିଭିନ୍ନ ବ୍ୟାୟାମ କରିବା ହିଁ ଆସନ। ସ୍ଥିରଂ ସୁଖଂ ଆସନଂ। ଏଥିସହିତ ପ୍ରାଣଶକ୍ତିକୁ ନିୟନ୍ତ୍ରଣ କରି ସ୍ୱାଭାବିକ ଭାବରେ ଶ୍ୱାସପ୍ରଶ୍ୱାସର ଗତି କରାଇବା ହିଁ ପ୍ରାଣାୟାମ। ଏହାଦ୍ୱାରା ସର୍ବରୋଗରୁ ମୁକ୍ତି ମିଳିଥାଏ। ସାତବର୍ଷ ବୟସରୁ ଯୋଗଶିକ୍ଷା କରିବା ଉଚିତ। ପିଲାମାନେ ଯାହା ଦେଖନ୍ତି ତାହା ଶିଖନ୍ତି ଏବଂ ନିଜେ ଅଭ୍ୟାସ କରନ୍ତି। କୋମଳମତି ପିଲାମାନଙ୍କ ହାଡ଼, ମାଂସପେଶୀ, ଗ୍ରନ୍ଥି, ଶିରାପ୍ରଶିରା, ସ୍ନାୟୁ ଅଧିକ ଦୃଢ଼ ଓ ନମନୀୟ ହୋଇଥାଏ। ସେମାନଙ୍କର ପ୍ରକୃତ ଜ୍ଞାନ ହେବାରେ ସେମାନେ ଅଷ୍ଟାଙ୍ଗଯୋଗ - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧିର ଅଭ୍ୟାସ କରିବା ଉଚିତ। ଏହି ସାଧନା ବଳରେ ସେମାନେ ସୁନାଗରିକ ହୋଇ ପରିବାର, ସମାଜ ତଥା ଦେଶକୁ ଆଲୋକିତ କରିପାରିବେ। ଆସନର ଉପକାରିତା ବହୁ ମାତ୍ରାରେ ରହିଛି। ଶୀର୍ଷାସନ ଦ୍ୱାରା ବୀର୍ଯ୍ୟବାନ ହୋଇ ପ୍ରଖର ମେଧାଶକ୍ତି ଓ ସ୍ମୃତିଶକ୍ତିର ଅଧିକାରୀ ହୋଇପାରିବ। ମଣ୍ଡୁକାସନ ଦ୍ୱାରା ଗୋଡ଼ ଗୋଇଠି ସବଳ ହେବା ସହ ଫୁସ୍‌ଫୁସ୍ ସକ୍ରିୟ ହୁଏ। ଭୁଜଙ୍ଗାସନ ଦ୍ୱାରା ମେରୁଦଣ୍ଡ ସୁସ୍ଥସବଳ ଏବଂ ନମନୀୟ ହୁଏ, ମୟୁରାସନ ଦ୍ୱାରା ପେଟଗୋଳମାଳ ଦୂର ହେବା ସହ ମଧୁମେହ ନିୟନ୍ତ୍ରଣ ହୁଏ। ଗରୁଡ଼ାସନ ଦ୍ୱାରା ମନର ଏକାଗ୍ରତା ବୃଦ୍ଧି ପାଏ। ସବୁଠୁ ଶ୍ରେଷ୍ଠ ଆସନ ହେଲା ସୂର୍ଯ୍ୟ ନମସ୍କାର। ସୂର୍ଯ୍ୟଦେବତାଙ୍କୁ ପ୍ରଣାମ ଜଣାଇବା ସହ ଶରୀରର ସର୍ବାଙ୍ଗ ଉନ୍ନତି ଘଟିଥାଏ। ଏହା ନିଶ୍ଚିତଭାବେ କୁହାଯାଇପାରେ ଯେ ଏହି ଯୋଗାଭ୍ୟାସ ଦ୍ୱାରା ଛାତ୍ର ସମାଜ ଦେଶର ଶୃଙ୍ଖଳିତ ସୁନାଗରିକ ହୋଇପାରିବେ - ଏଥିରେ ସନ୍ଦେହ ନାହିଁ। ଅତିବ ସୁଖର କଥା, ବର୍ତ୍ତମାନ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ ଆଗାମୀ ବର୍ଷ ବିଦ୍ୟାଳୟର ପାଠ୍ୟକ୍ରମରେ ଯୋଗ ସାଧନାକୁ ସ୍ଥାନିତ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ବିଶ୍ୱରେ ୧୭୭ଟି ଦେଶରେ ପାଳିତ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସ - ଆଜି ୨୦୦ଟି ଦେଶରେ ପାଳିତ ହେଉଛି। ଏହା ଭାରତ ପାଇଁ ଏକ ଗୌରବର ବିଷୟ।

# ବିଶ୍ୱ ଯୋଗ ଦିବସ

**କ୍ଷୀରୋଦ କୁମାର କର**

ଭାରତ ଏକ ପ୍ରାଚୀନ ଭୂଖଣ୍ଡ । ଏହାର ସଭ୍ୟତା ଓ ସଂସ୍କୃତି ଅତି ପ୍ରାଚୀନ ଓ ମହାନ । ସର୍ବ ପୁରାତନ ଧର୍ମ ସନାତନ ଧର୍ମ ଓ ବୈଦିକ ସଭ୍ୟତାର ଉତ୍ପତ୍ତି ସ୍ଥଳ ଯୋଗୁ ପୃଥିବୀରେ ଭାରତର ସ୍ଥାନ ଅନନ୍ୟ । ଭାରତର ପ୍ରାଚୀନ ବୈଦିକ ସଭ୍ୟତାର ଧର୍ମ, କଳା, ସାହିତ୍ୟ, ଦର୍ଶନ, ସଂସ୍କୃତି ଓ ବିଜ୍ଞାନ ଇତ୍ୟାଦି କେବଳ ଭାରତ ନୁହେଁ ପୃଥିବୀର ମାନବଜାତିର ଜୀବନ ଧାରାକୁ ଋଦ୍ଧିମନ୍ତ କରୁଛି । ବୈଦିକ ସାହିତ୍ୟ, କଳା, ଦର୍ଶନ ଓ ସଂସ୍କୃତି ଓ ବିଜ୍ଞାନର କାଳଜୟୀ ପ୍ରଭାବ ଆଜିବି ମାନବଜାତି ଅନୁଭବ କରୁଛି ଓ ଏଥିରେ ଅନୁପ୍ରାଣିତ ହେଉଛି । 'ବସୁଧୈବ କୁଟୁମ୍ବକମ୍' ପରି ମହାନ ମନ୍ତ୍ରରେ ପୃଥିବୀ ବାସୀଙ୍କୁ ଅନୁପ୍ରାଣୀତ କରି ମାନବ ଜାତିର ଜୀବନ ଧାରାକୁ ସରସ,ସୁନ୍ଦର ଓ ମଧୁମୟ କରିବାରେ ବୈଦିକ ସଭ୍ୟତା ଆଜିବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଆଜିର ଜଗତୀକରଣ, ଶିଳ୍ପୀକରଣ ଓ ସହରୀକରଣ ପ୍ରଭାବରେ ପୃଥିବୀରେ ଅନେକ ପରିବର୍ତ୍ତନ ଘଟିଯାଇଛି ଓ ପ୍ରତ୍ୟେକ ଦିନ କିଛିନାକିଛି ପରିବର୍ତ୍ତନ ଘଟୁଛି । ଯାହାର ପ୍ରଭାବରେ ପ୍ରଭାବିତ ସମଗ୍ର ମାନବଜାତି । ଆଜିର ଜ୍ଞାନବିଜ୍ଞାନର ପ୍ରଭାବରେ ପରିବର୍ତ୍ତନଶୀଳ ବସ୍ତୁବାଦୀ ଓ ପ୍ରତିଯୋଗିତାମୂଳକ ଦୁନିଆଁରେ ମନୁଷ୍ୟର ଆବଶ୍ୟକତା ଓ ଆଶା ଆକାଂକ୍ଷା ଅନେକ ପରିମାଣରେ ବଢ଼ିଯାଇଛି । ଯାହାକି ଛାତ୍ରଠାରୁ ବୃଦ୍ଧ, ସାଧାରଣ ମୂଲିଆଠାରୁ କୋଟିପତି ପର୍ଯ୍ୟନ୍ତ ସମସ୍ତେ ଆଜିର ଦୁନିଆରେ ଅଳ୍ପ ବହୁତେ ଚାପଗ୍ରସ୍ତ । ବିଶ୍ୱବାସୀ ଆଜି ବିଶ୍ୱ ତାପାୟନ, ଜଳବାୟୁର ପରିବର୍ତ୍ତନ, ପ୍ରଦୂଷଣ, ହିଂସା, ଆତଙ୍କବାଦୀଙ୍କ ତାଣ୍ଡବଲୀଳା, ଯୁଦ୍ଧ ଓ ପରମାଣୁ ଯୁଦ୍ଧ ଆଶଙ୍କାରେ ଆତଙ୍କିତ ଓ ଚାପଗ୍ରସ୍ତ । ଏହି ପରି ଏକ ଚାପଗ୍ରସ୍ତ ଦୁନିଆ ଓ ପରିବେଶରୁ ମୁକ୍ତି ପାଇବା ପାଇଁ 'ଯୋଗ' ଏକମାତ୍ର ମାଧ୍ୟମ । ଆଜିର ଦିନରେ ଯୋଗ ହେଉଛି ବିଶ୍ୱକୁ ଭାରତର ସର୍ବଶ୍ରେଷ୍ଠ ଅବଦାନ । ୨୦୧୫ ମସିହା ଠାରୁ ମିଳିତ ଜାତିସଂଘ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗଦିବସ ରୂପେ ପାଳନ କରିଆସୁଛି । ଭାରତଦ୍ୱାରା ଆଗତ କରାଯାଇଥିବା ଏ ସଂପର୍କୀତ ଚିଠା ପ୍ରସ୍ତାବକୁ ୧୭୫ଟି ଦେଶ ସମର୍ଥନ କରିଥିଲେ । ଜାତିସଂଘର ୬୯ତମ ସାଧାରଣ ଅଧିବେଶନରେ ଭାରତର ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ଏ ପ୍ରସ୍ତାବ ଆଗତକରି କହିଥିଲେ ଆମ ପ୍ରାଚୀନ ପରଂପରାର ଏକ ଅବଦାନ ହେଉଛି ଯୋଗ । ଯୋଗ ସାମଗ୍ରିକ ପ୍ରକ୍ରୀୟା ଦ୍ୱାରା ଶରୀର, ମନ, ଚିନ୍ତା ଓ କାର୍ଯ୍ୟ ମଧ୍ୟରେ ଏକତା ଓ ସମନ୍ୱୟ ସ୍ଥାପନ ହୁଏ । ଯୋଗ କେବଳ କେତେକ ବ୍ୟାୟାମ ମଧ୍ୟରେ ସୀମିତ ନୁହେଁ ଏହା ବ୍ୟକ୍ତି ସହିତ, ବିଶ୍ୱ ସହିତ ଏବଂ ପ୍ରକୃତି ସହିତ ଐକ୍ୟ ଭାବନା ସୃଷ୍ଟି କରିବା ପାଇଁ ଏକ ମାର୍ଗ । ଯୋଗ ହେଉଛି ଏକ ପ୍ରାଚୀନ ଭାରତୀୟ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ପ୍ରକ୍ରିୟା । ଆନ୍ତର୍ଜାତୀୟ ଯୋଗ ଦିବସର ଆଭିମୁଖ୍ୟ ହେଉଛି ସମଗ୍ର ବିଶ୍ୱରେ ଯୋଗର ପ୍ରଚାର ଓ ପ୍ରସାର କରିବା ଓ ମାନବ ଜାତିର ଜୀବନ ଧାରାକୁ ଋଦ୍ଧିମନ୍ତ କରିବା । ପ୍ରାୟ ୬୦୦୦ ବର୍ଷତଳୁ ଭାରତ ମାଟିରେ ଯୋଗର ଉତ୍ପତ୍ତି ହୋଇଥିଲା । ପ୍ରାକ୍ ବୈଦିକ ଯୁଗରୁ ଏହାର ବ୍ୟବହାର ଭାରତୀୟ ମାନଙ୍କୁ ଜଣାଥିଲା । ଶରୀର, ମନ ଓ ଆତ୍ମାକୁ ସଂଯମ କରିବାର ଏହା ଏକ ଆଧ୍ୟାତ୍ମିକ ପଦ୍ଧତି । ସିନ୍ଧୁ ଉପତ୍ୟକାରୁ ମିଳିଥିବା ପ୍ରାଚୀନ ମୁଦ୍ରା ମାନଙ୍କରେ ଯୋଗାସନ ମୁଦ୍ରାରେ ଥିବା ପଶୁପତିଙ୍କ ଛବି ଯୋଗର ପ୍ରାଚୀନ ପରଂପରାର ଶ୍ରେଷ୍ଠ ପ୍ରମାଣ । ଋକ୍ ବେଦ ସମେତ ବିଭିନ୍ନ




ବୈଦିକ ସାହିତ୍ୟ, ଉପନିଷଦ ଓ ବୌଦ୍ଧ ଗ୍ରନ୍ଥ ମାନଙ୍କରେ ଯୋଗର ବର୍ଣ୍ଣନା ରହିଛି । ଋଷି ପତଞ୍ଜଳୀଙ୍କ 'ଯୋଗସୂତ୍ର' କୁ ଯୋଗ ସମ୍ବନ୍ଧୀୟ ପ୍ରଥମ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଯୋଗର ମାନସିକ, ଶାରିରୀକ, ଆଧ୍ୟାତ୍ମିକ ଓ ଦାର୍ଶନିକ ଦିଗ ଗୁଡ଼ିକ ବ୍ୟାଖ୍ୟା କରାଯାଇଛି । ଯୋଗ ଶବ୍ଦର ଉତ୍ପତ୍ତି ସଂସ୍କୃତର 'ଯୁଜ୍' ଧାତୁରୁ ଆସିଥିବା କୁହାଯାଏ । ଏହାର ଅର୍ଥ ଯୁକ୍ତ କରିବା ବା ଯୋଡ଼ିବା । ଜୀବାତ୍ମା ସହ ପରମାତ୍ମାକୁ ମିଳନ କରିବା ବା ଯୁକ୍ତ ହେବାକୁ ବୁଝାଏ । ଶରୀର, ମନ ଓ ଆତ୍ମାର ମିଳନ ଯୋଗ ଦ୍ୱାରା ସଂଭବ ଯାହା ଆମ ପ୍ରାଚୀନ ମୁନିଋଷିମାନେ ପ୍ରମାଣ କରିଯାଇଛନ୍ତି । ଜନ୍ମ ଓ ମୃତ୍ୟୁର ମହାସତ୍ୟ ମଧ୍ୟରେ ରୋଗବ୍ୟାଧି ହେଉଛି ମନୁଷ୍ୟର ସହଚର । ମନୁଷ୍ୟର ଅଧିକାଂଶ ବ୍ୟାଧିର କାରଣ ହେଉଛି ତାର ଶରୀର ଓ ମନ । ଦୈନନ୍ଦିନ ଯୋଗ ଦ୍ୱାରା ଜଣେ ନିରୋଗ ଓ ସୁସ୍ଥସବଳ ରହି ପାରିବ । ଏହି କଥାକୁ ଜ୍ଞାନ ବିଜ୍ଞାନରେ ସମୃଦ୍ଧ ପାଶ୍ଚାତ୍ୟ ରାଷ୍ଟ୍ରମାନେ ମଧ୍ୟ ଗ୍ରହଣ କରି ସାରିଲେଣି । ଯୋଗ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ, ଶରୀରକୁ ନମନୀୟ ରଖେ, ମନୁଷ୍ୟର ଶକ୍ତି ଓ ସ୍ମରଣଶକ୍ତି ବୃଦ୍ଧି କରେ, ରକ୍ତରେ କୋଲେଷ୍ଟୋରେଲ ଏବଂ ଶର୍କରାର ପରିମାଣକୁ ନିୟନ୍ତ୍ରଣ କରିଥାଏ । ମାନସିକ ଅବସାଦ ଦୂର କରିବା ସହ ମନୁଷ୍ୟର ମନକୁ ସତେଜ ଓ ସ୍ଫୁର୍ତ୍ତୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯୋଗ କରୁଥିବା ବ୍ୟକ୍ତିକୁ ଯୋଗୀ କୁହାଯାଏ । ବସ୍ତୁବାଦୀ, ପ୍ରତିଯୋଗୀତା ମୂଳକ ଓ ଚାପଗ୍ରସ୍ତ ସମଗ୍ର ବିଶ୍ୱରେ ଯୋଗର ଆଦୃତି ଦିନକୁ ଦିନ ବଢିବାରେ ଲାଗିଛି । ଏହା କେବଳ ଏକ ଶାରିରୀକ ବ୍ୟାୟାମ ନୁହେଁ ବରଂ ଏହାଏକ ମାନସିକ ଭାରସାମ୍ୟ, ରୋଗ ପ୍ରତିଷେଧକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସହାୟକ ହେଉଥିବା ଏକ ମାଧ୍ୟମ । ବିନାଖର୍ଚ୍ଚରେ ଯେକୌଣସି ସ୍ଥାନରେ ଯେକୌଣସି ବୟସର ଲୋକ ଏହାକୁ ଅଭ୍ୟାସ କରି ପାରିବ । ଏହାର କୌଣସି ପାର୍ଶ୍ୱପ୍ରଭାବ ନାହିଁ । ଶରୀରରେ ବିଭିନ୍ନ ପ୍ରକାର ରୋଗକୁ ନିୟନ୍ତ୍ରଣ କରିବା ଓ ସୁସ୍ଥସବଳ ଶରିରର ଅଧିକାରୀ ହେବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯୋଗଦ୍ୱାରା ଜଣେ ମଣିଷ ନିଜକୁ ମାର୍ଜିତ ଓ ଶୃଙ୍ଖଳିତ କରେ । ବିଶୃଙ୍ଖଳିତ ଜୀବନଚର୍ଯ୍ୟା ତାଠାରୁ ଧିରେ ଧିରେ ଅପସରି ଯାଏ । ଦୈନନ୍ଦିନ ଯୋଗ ଦ୍ୱାରା ଜଣେ ଶାରିରୀକ ସ୍ତରରେ ଉତ୍ତମସ୍ୱାସ୍ଥ୍ୟ, ମାନସିକ ସ୍ତରରେ ଚାପଶୂନ୍ୟତା, ଏକାଗ୍ରତା, କାର୍ଯ୍ୟଦକ୍ଷତା ବୃଦ୍ଧି ଓ ଆଧ୍ୟାତ୍ମିକ ସ୍ତରରେ ଶାନ୍ତି ଓ ଆତ୍ମା ପରମାତ୍ମା ମଧ୍ୟରେ ଥିବା ଗୁଢ଼ ରହସ୍ୟମୟ ଦର୍ଶନ ଆଡ଼କୁ ମନୁଷ୍ୟର ମନକୁ ଟାଣିନେଇ ଦାର୍ଶନିକ ଭାବଧାର ସୃଷ୍ଟି କରାଏ । ଯୋଗ ଦ୍ୱାରା ସ୍ୱାସ୍ଥ୍ୟରକ୍ଷା ଓ ରୋଗ ନିରାକରଣ ହୋଇ ପାରିବାରୁ ଦେଶ ବିଦେଶରେ ଏହାର ଆଦର ଓ ଗ୍ରହଣୀୟତା ବଢିଚାଲିଛି । ଭାରତ ଓ ବିଦେଶରେ ପ୍ରବଳ ଉତ୍ସାହ ସହ ବିଶ୍ୱ ଯୋଗ ଦିବସ ପାଳନ କରାଯାଉଛି ଓ ଗିନିସ୍ ବୁକ୍ ଅଫ୍ ରେକର୍ଡ଼ ସ୍ଥାପନ କରିସାରିଲାଣି । ଶରୀର, ମନ ଓ ଆତ୍ମାର ପବିତ୍ର ସମନ୍ୱୟ ପାଇଁ ଋଷି ପତଞ୍ଜଳୀ ଯେଉଁ ଅଷ୍ଟାଙ୍ଗ ମାର୍ଗ ଦେଖାଇଯାଇଛନ୍ତି ତାର କାଳଜୟୀ ପ୍ରଭାବକୁ ଆଜିବି ମାନବଜାତି ଉପଲବ୍ଧି କରୁଛି । ଯୋଗ ଦ୍ୱାରା ଶରିରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ବିଭିନ୍ନ ଶାରିରୀକ ପ୍ରକ୍ରିୟା ଠିକ୍ ଠାକ୍ ଚାଲେ । ଯୋଗ ସହ ଯୋଗ ହୋଇଯିବା ହିଁ ପ୍ରାକୃତିକତା । ଯୋଗ ଠାରୁ ଦୂରେଇ ଯିବା ହିଁ କୃତ୍ରିମତା । ଭାରତ ମାଟିରୁ ସୃଷ୍ଟି ହୋଇଥିବା ଯୋଗର ଏହି ମହାନ ପରଂପରା ଦିନେ ବିଶ୍ୱର ସର୍ବାଧିକ ମଣିଷର ରୋଗ, ଶୋକ ଓ ଦୁଃଖକୁ ଦୂର କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ । ଆଜିର ଦିନରେ ଏହା ଏକ ବାସ୍ତବତା । 'ସର୍ବେ ଭବନ୍ତୁ ସୁଖୀନ, ସର୍ବେସନ୍ତୁ ନିରାମୟାଃ,' ବୈଦିକ ମହାମନ୍ତ୍ରର ଯଥାର୍ଥତା ପ୍ରତିପାଦିତ ହେବ । ସେ ସମୟ ଆଡ଼କୁ ଭାରତ ପାଦ ପକାଇ ଚାଲିଛି ଏବଂ ବିଶ୍ୱ ମାନବଜାତି ମଧ୍ୟ ଏହାକୁ ଗ୍ରହଣ କରିବାରେ ଉତ୍ସୁକତା ପ୍ରକାଶ କରି ସାରିଲାଣି ।

*ଭଗବାନପୁର, କେନ୍ଦ୍ରାପଡ଼ା*

# ପିଲାଙ୍କ ପାଇଁ ଯୋଗ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ**

କେବଳ ଭାରତୀୟ ଆଧ୍ୟାତ୍ମିକ ବିଜ୍ଞାନ ନୁହେଁ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରକୁ ଦେଖାଗଲେ ଜଣାଯାଏ ଯେ ଏହି ଯୋଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଭୂମିକା ଗ୍ରହଣ କରିଥାଏ। ତେବେ ଯୋଗାସନ କ୍ଷେତ୍ରରେ ପିଲାମାନଙ୍କର କ୍ଷେତ୍ରକୁ ଦେଖିଲେ କେତେକ କ୍ଷେତ୍ରରେ ଭିନ୍ନ ମତ ଦେଖିବାକୁ ମିଳେ। ଏହା ସୁନିଶ୍ଚିତ କଥା ଆଠ ବର୍ଷରୁ ଉର୍ଦ୍ଧ୍ୱ ପିଲା ତା'ର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯୋଗ ଶିଖାଇଲେ କିଛି ଖରାପ ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପ୍ରସଙ୍ଗଟି ହେଉଛି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ ଅସୁବିଧା ବା ଚିକିତ୍ସା, କୌଣସି ବଂଶାନୁକ୍ରମିକ ରୋଗ ବା ପରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ନିର୍ଣ୍ଣୟ ନେବାକୁ ପଡ଼ିଥାଏ ଯେ ପିଲାଟିର ଶାରୀରିକ ପୃଷ୍ଟିସାଧନ କ୍ଷେତ୍ରରେ ଯୋଗର କ୍ଷେତ୍ର କେଉଁପରି ଓ କିଭଳି ରହିବ। ଆଜିକାଲି କିଛି ପିଲାମାନଙ୍କ ବାପମାଆ ବା ଅଭିଭାବକ ଭାବପ୍ରବଣ ହୋଇ ଖୁବ୍ କମ୍ ବୟସରୁ ପିଲାମାନଙ୍କୁ ଯୋଗ, ଆସନ, ପ୍ରାଣାୟମ ଓ ବିଭିନ୍ନ ଶାରୀରିକ ବିଜ୍ଞାନ କଳା ଶିଖାଉଛନ୍ତି। ଏହାକୁ ଏକ ପ୍ରକାର ଭାବପ୍ରବଣତାର ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଏହି କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ନିଶ୍ଚିନ୍ତ ଭାବରେ ଏକ ଚିନ୍ତାଜନକ ବିତର୍କରେ ବି ପହଞ୍ଚି ଯାଇଥାଏ। ଶାସ୍ତ୍ର କହିଛି - 'ଶରୀର ମାଦ୍ୟମଂ ଖଳୁଧର୍ମ ସାଧନମ୍।' ଯାହାର ଭାବାର୍ଥ ହେଉଛି ଶରୀରକୁ ଦେଖି ଧର୍ମ ସାଧନା କର। ସେହିପରି ଆଜିକାଲି କିଛି ବିଦ୍ୟାଳୟରେ ମଧ୍ୟ ପିଲାମାନଙ୍କୁ ଏହିପରି ଯୋଗାସନ ଶିକ୍ଷା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା କୋମଳମତି ପିଲାଙ୍କୁ ଶାରୀରିକ ତତ୍ତ୍ୱ କ୍ଷେତ୍ରରେ ଗଢ଼ି ତୋଳିବା ଏକ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଛୋଟ ପିଲାଟି ପାଇଁ ଏପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗ କେତେକ କ୍ଷେତ୍ରରେ ବିପଜ୍ଜନକ ହେବାର ଦୃଷ୍ଟାନ୍ତ ବି ରହିଛି। ସବୁପିଲାମାନଙ୍କ ବାପମାଆ ଚାହାଁନ୍ତି ସେମାନଙ୍କ ପିଲା ସୁସ୍ଥ ସବଳ ଭାବେ କୌଣସି ରୋଗର ଶିକାର ନହୋଇ ବେଶ ଡଉଲ ଡାଉଲ ଶରୀରଟି ପାଉ। କେବଳ ଶାରୀରିକ ଭାବରେ ନୁହେଁ ମାନସିକ ସ୍ତରରେ ପିଲାଟିର ଉନ୍ନତି ବି ବାପମାଆମାନେ ଚାହାଁନ୍ତି। ତେବେ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ଅବଧି ପରେ ଏବଂ ତାହାର ଶରୀରର ସୁସ୍ଥ ସବଳତାକୁ ଦେଖି ତାହାର ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଯୋଗାଭ୍ୟାସ କଲେ ଏହା ପିଲାଟି ପାଇଁ ଶାରୀରିକ କ୍ଷେତ୍ରରେ ନିଶ୍ଚିନ୍ତ ଭାବରେ ଉପାଦେୟ ହୋଇପାରିବ।



ପିଲାମାନଙ୍କୁ ଆମର ଭାରତୀୟ ପ୍ରାଚୀନତମ ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ନମସ୍କାର ଶିଖାଇବା ଏକ ଖୁବ୍ ଭଲ ଅଭ୍ୟାସ। ତେବେ ପ୍ରଥମ କଥା ହେଉଛି ପିଲାଟିକୁ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ବିଶ୍ରାମର ରୁଟିନ୍ ତିଆରି କରି ସକାଳୁ ଯୋଗ, ଆସନ ପାଇଁ ପ୍ରସ୍ତୁତି କରନ୍ତୁ। ଏହା ପୂର୍ବରୁ ପିଲାଟିର କୋଷ୍ଠକାଠିନ୍ୟ ଥିଲେ, ବଦ୍‌ହଜମ ରହୁଥିଲେ, ଶ୍ୱାସ ବା ଅନ୍ୟକୌଣସି ଆନୁବଂଶିକ ବା ସଂକ୍ରମିତ ରୋଗ ରହୁଥିଲେ, ପିଲାଟିକୁ ନିଦ ନ ହେଉଥିଲେ, ଦୁର୍ବଳ ସ୍ୱାସ୍ଥ୍ୟ ରହୁଥିଲେ, ଉଦାସୀନତା ଚିନ୍ତାଧାରା ଥିଲେ ଏହିପରି ଅନେକ କ୍ଷେତ୍ରର ପରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱର ସହିତ ଦୃଷ୍ଟି ଦିଅନ୍ତୁ। ପିଲାଟିକୁ ପ୍ରଥମେ ଆଗେ ସୁସ୍ଥସବଳ ରଖିବା ପରେ ହିଁ ଯୋଗ ଦିଗଟିକୁ ଦୃଷ୍ଟି ଦିଅନ୍ତୁ। ଯୋଗାସନ ଶିକ୍ଷା ଦେବା ପୂର୍ବରୁ ପିଲାଟିର ସକାଳୁ ନିତ୍ୟକର୍ମ ସାରିବାର ଅଭ୍ୟାସ ରଖନ୍ତୁ। ପିଲାଟିକୁ ନିଶ୍ଚିନ୍ତ ଭାବରେ ଜଣେ ବିଧିବଦ୍ଧ ଯୋଗ ପ୍ରଶିକ୍ଷକଙ୍କ ଠାରୁ ହିଁ ଏହାକୁ ଶିକ୍ଷା ଦେବାକୁ ବ୍ୟବସ୍ଥା କରନ୍ତୁ। ପିଲାମାନଙ୍କର ପ୍ରାୟ ସକାଳୁ ବିଦ୍ୟାଳୟ ଥିବାରୁ ଘରୋଇ ପରିବେଶରେ ଶିକ୍ଷା ଦେବା କିଛି ମନ୍ଦ ନୁହେଁ। ତେବେ ଯୋଗ ଦ୍ୱାରା ପିଲାଟିକୁ ଖୁବ୍ କମ ଦିନ ଭିତରେ ବେଶ୍ ମଜଭୁତିଆ ଶରୀରର କରିଦେବା ପରି ଚିନ୍ତାଧାରା ରଖନ୍ତୁ ନାହିଁ। ପିଲାଟିର ଗତ ରାତ୍ରିର ବିଶ୍ରାମ, ସକାଳର ନିଦ୍ରା ତ୍ୟାଗ, ନିତ୍ୟକର୍ମ ସହ ବିଦ୍ୟାଳୟକୁ ଯିବା ସମୟକୁ ମଧ୍ୟ ଦୃଷ୍ଟିରେ ରଖନ୍ତୁ। କେତେକ ବାପାମାଆ ଜିମ୍‌ରେ ପିଲାଙ୍କୁ ଶରୀର ବିଜ୍ଞାନ ବା ଯୋଗ ଶିଖାଇବାକୁ ଇଚ୍ଛୁକ ଥାନ୍ତି। ଏହାକିନ୍ତୁ କିଛି ମନ୍ଦ ନୁହେଁ, କିନ୍ତୁ କଥାଟି ହେଉଛି 'ଦିଅଁ ଗଢୁ ଗଢୁ, ମାଙ୍କଡ଼ ନହେଉ'। ପିଲାଟିକୁ ଶିକ୍ଷା ଦିଅନ୍ତୁ କିନ୍ତୁ ଶିକ୍ଷା ନାଁରେ ତା କ୍ରମବିକାଶର ବାଧକ ଯେ ଆପଣଙ୍କ ଶିକ୍ଷା ନ ହେଉଛି ତାହାକୁ ଚିନ୍ତାରେ ରଖିଥାନ୍ତୁ। କିଛି ଅଭିଭାବକ ଯୋଗାସନ କରୁଥିବା ପିଲାମାନଙ୍କ ପାଇଁ ବଜାରରେ ମିଳୁଥିବା ତଥାକଥିତ ପ୍ରୋଟିନ୍ ଖାଦ୍ୟକୁ ବେଶ୍ ଗୁରୁତ୍ୱ ଦିଅନ୍ତି। ସେମାନେ ଭାବନ୍ତି ପିଲାଟି ଯୋଗ, ବ୍ୟାୟାମ କରୁଛି ମାନେ ତା'ଶରୀରକୁ ଭଲ ରକମର ପୁଷ୍ଟିକର ଖାଦ୍ୟ ଦରକାର। ଏହା କିନ୍ତୁ ନିଶ୍ଚିନ୍ତ କଥା। ପିଲାଟିକୁ ଘରୋଇ ବ୍ୟବସ୍ଥାର ପୃଷ୍ଟିକର ଖାଦ୍ୟ ଦିଅନ୍ତୁ। ମୁଗଗଜା ହେଉ ବା ବାଦାମ, ପଞ୍ଚବର୍ଣ୍ଣ ଛତୁଆ ହେଉ ବା ଫଳ, କ୍ଷୀର ହେଉ ବା ଅଣ୍ଡା ବା ଛୋଟମାଛ ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପୁଷ୍ଟିକର। ଯୋଗାସନ ପରେ କିଛି ସମୟ ପିଲାମାନଙ୍କ ପାଇଁ ବିଶ୍ରାମର ଆବଶ୍ୟକତା ବି ରହିଛି। ପିଲାଟି ଯୋଗ ଅଭ୍ୟାସ ବେଳେ ଢ଼ିଲା ଓ ସୂତାବସ୍ତ୍ର ପିନ୍ଧାନ୍ତୁ। ଖୋଲା ଏବଂ ମୁକ୍ତ ପବନ ଯାଉଥିବା ସ୍ଥାନରେ ଏ ଅଭ୍ୟାସ ଶରୀର ପାଇଁ ଉପାଦେୟ। କେତେକ ବିଦ୍ୟାଳୟରେ ନିୟମିତ ଶାରୀରିକ ବିଜ୍ଞାନ ଶ୍ରେଣୀ ବି ରହିଛି ଏହା ପିଲାମାନଙ୍କ ପାଇଁ ବି ଯୋଗାଭ୍ୟାସ କ୍ଷେତ୍ର ପାଇଁ ଉପାଦେୟ। ତେବେ ପିଲାକୁ ଯୋଗାସନ କରିବା ପୂର୍ବରୁ ତାର ସ୍ୱାସ୍ଥ୍ୟର ସମସ୍ତ କ୍ଷେତ୍ରକୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ହିଁ ଅଭ୍ୟାସ କରନ୍ତୁ। ନଚେତ୍ ଏହା ପିଲାମାନଙ୍କ ପାଇଁ ଘାତକ ବି ସାବ୍ୟସ୍ତ ହୋଇପାରେ। ଭାରତର ପ୍ରାଚୀନତମ ଯୋଗବିଜ୍ଞାନ ଆଜିକା ସମୟରେ ପିଲାମାନଙ୍କ ପାଇଁ ବି ନିଶ୍ଚିନ୍ତ ଭାବରେ ଉପାଦେୟ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ,*
*ଦୂରଭାଷ : ୯୪୩୭୧୨୪୦୭୪*

# କାଳଜୟୀ କଥା ଶିଳ୍ପୀ ସୁରେନ୍ଦ୍ର ମହାନ୍ତି

**ଡ଼ଃ.ଅରୁନ୍ଧତୀ ଦେବୀ**

ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ନିଜର ଅପୂର୍ବ ସୃଜନୀ ଶକ୍ତି ଦ୍ୱାରା ଓଡ଼ିଆ ସାହିତ୍ୟକୁ ଋଦ୍ଧିମାନ କରିଥିଲେ ସୁରେନ୍ଦ୍ର ମହାନ୍ତି। ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ତାଙ୍କ ଲେଖନୀ ଅବିରତ ଚାଲିଥିଲା। ତାଙ୍କ ସାରସ୍ୱତ ଜୀବନ ଥିଲା ବର୍ଣ୍ଣାଢ଼୍ୟ ଓ ବହୁମୁଖୀ। ସାହିତ୍ୟିକ ସହ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନୀତିଜ୍ଞ ଓ ସାମ୍ବାଦିକ। ସେ କହୁଥିଲେ, ସାହିତ୍ୟକୁ ବୃତ୍ତି କରି ଓଡ଼ିଶାରେ ବଞ୍ଚିବା କଠିନ। ପୁଣି କହୁଥିଲେ, ସାହିତ୍ୟ ଓ ରାଜନୀତି ପରସ୍ପରର ପରିପୂରକ। ରାଜନୀତି ଓ ସାମ୍ବାଦିକତା ମଧ୍ୟରେ ସେ ସାହିତ୍ୟକୁ ଏକ ଅସ୍ତ୍ର ଭାବେ ଗ୍ରହଣ କରିଥିଲେ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ନିଜ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ। ତେଣୁ ଆତ୍ମଚରିତର ନାମ ରଖିଥିଲେ ପଥ ଓ ପୃଥିବୀ। ଆଲୋଚକ ଡ. ଜଗନ୍ନାଥ ଦାସଙ୍କ ଭାଷାରେ ପଥ ଓ ପୃଥିବୀ ସୁରେନ୍ଦ୍ରଙ୍କ ଜୀବନ ଓ କୃତିର ଏକ ଉଜ୍ଜ୍ୱଳ, ସଫଳ, ସଂପୂର୍ଣ୍ଣ ମହାକାବ୍ୟ, ଏକ ସାର୍ଥକ ଜୀବନ ସ୍ମୃତି। ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ। ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ବଡ଼ ବିଚିତ୍ର। ୧୯୫୨-୫୬ସେ ରାଜ୍ୟସଭା ସାଂସଦ ଥିଲେ। ୧୯୫୬ ଓ ୧୯୭୧ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୯ରେ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାର ସଦସ୍ୟ ହୋଇଥିଲେ। ୧୯୮୪ରେ ତାଙ୍କ ସକ୍ରିୟ ରାଜନୈତିକ ଜୀବନର ଅନ୍ତ ହୋଇଥିଲା। ସେ ଶୈଶବରୁ ପାଠଚୋର ଥିଲେ। ନାନା ବାହାନା କରି ଚାଟଶାଳି ଯାଉ ନଥିଲେ। ନାଳିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼େଇ, ହାତରେ ଖନୁ ନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ରାଭେନ୍‌ସା କଲେଜରେ ଇଂରେଜୀରେ ସ୍ନାତକ ପଢୁଥିବା ବେଳେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ବହିଷ୍କୃତ ହୋଇଥିଲେ। ସେଥି ସହ ତାଙ୍କର ଛାତ୍ର ଜୀବନର ଅନ୍ତ ହୋଇଥିଲା ଏବଂ ଆରମ୍ଭ ହୋଇଥିଲା ରାଜନୈତିକ ଜୀବନ ସ୍ୱାଧୀନତା ସଂଗ୍ରାମରେ ନିଜର ଅଭିଜ୍ଞତାକୁ ନେଇ ପରେ ଲେଖିଥିଲେ ନେତି ନେତି ଉପନ୍ୟାସ। ଦୁଇ ଦୁଇ ଥର ବନ୍ଦୀ ହୋଇଥିଲେ। ତାଙ୍କ ବନ୍ଦୀ ଜୀବନର ଅଭିଜ୍ଞତା ହେଉଛି ବଳିଦାନ ଓ ୧୭ ନମ୍ବର ୱାର୍ଡ଼ କ୍ଷୁଦ୍ର ଗଳ୍ପ। ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କବିତା ଓ ଗୀତି ନାଟ୍ୟରୁ ଆରମ୍ଭ ହୋଇଥିଲା। ପ୍ରଥମ କବିତା ଥିଲା ବୁଲା ଷଣ୍ଢ। ସେ ପନ୍ଦର କୋଡିଏ ଟି କବିତା ଲେଖିଥିବା ଜଣାଯାଏ। ତେବେ ପରେ ଗଦ୍ୟ ସାହିତ୍ୟକୁ ଗୁରୁତ୍ୱ ଦେଇଥିଲେ। ସାଲେପୁର ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ସୁରେନ୍ଦ୍ର ଲେଖିଥିଲେ ବନ୍ଦୀ। ତାଙ୍କର ଏହି ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ। ବାରିଷ୍ଟର ମଧୁସୂଦନ ଦାସ ଓ ଫକୀରମୋହନ ସେନାପତିଙ୍କ କୃତିକୁ ସେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ସବୁଜ ପତ୍ର ଓ ଧୂସର ଗୋଲାପ, ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମି ଏବଂ ନୀଳଶୈଳ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଫଟାମାଟି, ତାଙ୍କର ଶେଷ ସାହିତ୍ୟ କୃତି। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ସେ ଜନତା, ଗଣତନ୍ତ୍ର ଓ କଳିଙ୍ଗର ସଂପାଦକ ଥିଲେ। ତାଙ୍କ ସଂପାଦିତ ଶେଷ ଖବରକାଗଜ ହେଉଛି ସମ୍ବାଦ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ୧୯୨୨ ଜୁନ୍ ଆଜିର ଦିନରେ ଏହି ସଂଭ୍ରାନ୍ତ ସାହିତ୍ୟିକ ଜନ୍ମ ହୋଇଥିଲେ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,*
*ଦୂରଭାଷ : ୯୯୩୭୧୭୨୮୧୦*



### ଷ୍ଟାଣ୍ଡ୍ ପଏଣ୍ଟରେ ଟ୍ୟାପ୍ ନଥିବାରୁ ଭୂତଳ ଜଳ ନଷ୍ଟ

# ସୋସିଆଲ ମିଡିଆରେ ଅଧ୍ୟାପକଙ୍କ କ୍ଷୋଭ ପରେ ଯୁବମଞ୍ଚ ପକ୍ଷରୁ କାର୍ଯ୍ୟାନୁଷ୍ଠାନ

**ତିହିଡ଼ି,୨୦।୬(ନିପ୍ର):** ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଯେଉଁ ନଳକୂପରେ ୨/୩ ବର୍ଷ ପୂର୍ବେ ସ୍ୱଚ୍ଛନ୍ଦରେ ଜଳ ବାହାରୁଥିଲା ସଂପ୍ରତି ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ନଳକୂପରୁ ଆଉ ପାଣି ବାହାରୁନାହିଁ। ଅଧିକାଂଶ ସ୍ଥାନରେ ଏହି ପ୍ରକାର ସ୍ଥିତି ଉତ୍ପନ ହୋଇଥିବା ବେଳେ ଆଗକୁ ଆହୁରି ପରିସ୍ଥିତ ଭୟଙ୍କର ହେବାନେଇ ଆଶଙ୍କା ପ୍ରକାଶ ପାଇଛି। ଜଳ ସୁରକ୍ଷା ଦାୟୀତ୍ୱରେ ଥିବା ଅଧିକାରୀମାନେ ଏଥିପ୍ରତି ଦୃଷ୍ଟିନଦେବା ଓ ଅମୂଲ୍ୟ ଭୂତଳ ଜଳକୁ ନଷ୍ଟ କରିଦେବାର ବହୁ ନମୁନା ସଂପ୍ରତି ତିହିଡ଼ିରେ ଦେଖିବାକୁ ମିଳିଛି। ତିହିଡ଼ିରେ ଥିବା ପାନୀୟ ଜଳ ଷ୍ଟାଣ୍ଡ ପଏଣ୍ଟ ଗୁଡ଼ିକରେ ଟ୍ୟାପ ନଥିବାରୁ ରାତ୍ରିଦିନ ପାଣି ବୋହୁଛି ଓ ନଷ୍ଟ ମଧ୍ୟ ହେଉଛି। ଏ ସମ୍ପର୍କରେ ବିରଞ୍ଚି ନାରାୟଣ ମାଧବାର୍ଜୁନ ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱରଂଜନ ଦାସ ଫେସବୁକରେ ଏ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିବା ପରେ ପରେ ତିହିଡ଼ି ଯୁବମଞ୍ଚ ପକ୍ଷରୁ ଏହାର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୁବମଞ୍ଚର ସଦସ୍ୟମାନେ ବଜାରରୁ ଟ୍ୟାପ୍ କ୍ରୟ କରି ଖୋଲାପଡ଼ିଥିବା ଷ୍ଟାଣ୍ଡ ପଏଣ୍ଟ ଗୁଡ଼ିକରେ ଆଜି ଲଗାଇଛନ୍ତି। ଫଳରେ ଜଳ ନଷ୍ଟ ହେବ ନାହିଁ ଓ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ତେବେ ଅସଚେତନତା କାରଣରୁ କିଛି ଲୋକ ଟ୍ୟାପ ଖୋଲିନେବା ଫଳରେ ଏହି ସମସ୍ୟା ଉପୁଜୁଥିବା ମଧ୍ୟ ଅଭିଯୋଗ ହେଉଛି। ଷ୍ଟାଣ୍ଡ ପଏଣ୍ଟ ବ୍ୟବହାର କରୁଥିବା ଲୋକଙ୍କୁ ଜଳ ଅଭାବ ସମ୍ପର୍କରେ ସଚେତନ କରାଯିବ ବୋଲି ଯୁବମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



# ହିନ୍ଦୁ ମୁସଲିମଙ୍କ ଭାଇଚାରା ପ୍ରଗତିକୁ ଆଗକୁ ବଢାଇବ

ଖୋର୍ଦ୍ଧା,୨୦।୬(ନିପ୍ର): ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ସଂଯୋଜନାରେ ବିଜେଡ଼ି ସଂଖ୍ୟା ଲଘୁ କର୍ମୀମାନଙ୍କ ଦ୍ୱାରା ତୋତାପଡ଼ାଠାରେ ଏକ ଇଦ ମିଳନ ପର୍ବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନସୁର ଅଲ୍ଲୀ ସଭାପତିତ୍ୱ କରିଥିବାବେଳେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିନ୍ଦ୍ରନାଥ ମିତ୍ରଙ୍କ ସମେତ ରାଜ୍ୟ ସଂଖ୍ୟାଲଘୁ ସଭାପତି ଜନାବ ମୁନା ଖାଁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ସର୍ବ ପ୍ରଥମେ ଟାଙ୍ଗୀ ବ୍ଲକ ସଂଖ୍ୟାଲଘୁ ସଭାପତି ହାଜି ଅବଦୁଲ ରଜାକ ଖାଁ ଲଘୁ ସଂପ୍ରଦାୟର ଉନ୍ନତି ପାଇଁ ରାଜ୍ୟ ବିଜେଡ଼ି ସଂଖ୍ୟା ଲଘୁ ସେଲ ସଭାପତି ଓ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ହିନ୍ଦୁ ମୁସଲିମଙ୍କ ଭାଇଚାରା ରାଜ୍ୟର ପ୍ରଗତିକୁ ଆଗକୁ ବଢାଇବ ବୋଲି କହିବା ସହ ସଂଖ୍ୟାଲଘୁ ସଂପ୍ରଦାୟର ଉନ୍ନତି ପାଇଁ ଧ୍ୟାନ ଦିଆଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଲ୍ଲାଉଦ୍ଦିନ ଖାଁ,ଶୋଭନ ଖାଁ,ଜବାର ବକ୍ସ,ମହମ୍ମଦ ନୁରୁ,ଶେଖ ବରଖତୁଲ୍ଲା ,ମଜିଦ ଖାଁ,ସର୍ଦ୍ଦାର ଖାଁ,ଦୁଃଖା ଖାଁ,ଜାକିର ଶାହା ଓ ଶେଖ ଖୁଦରତ,ଶେଖ ସତାର ପ୍ରମୁଖ ସହଯୋଗ କରିଥିଲେ।



# ରାଣୀପାଟଣା ନୂତନ ପମ୍ପହାଉସ୍‌ର ଶୁଭ ଦେଲେ ସଦର ବିଧାୟକ

ବାଲେଶ୍ୱର,୨୦।୬(ନି.ପ୍ର): ବାଲେଶ୍ୱର ସହର ଅନ୍ତର୍ଗତ ରାଣୀପାଟଣା ଅଞ୍ଚଳରେ ସଦର ବିଧାୟକ ମଦନ ମୋହନ ଦତ୍ତ ଜନ ସ୍ୱାସ୍ଥ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ନାୟକଙ୍କ ଉପସ୍ଥିତିରେ ପାନୀୟ ଜଳ ପ୍ରକଳ୍ପ ନୂତନ ପମ୍ପହାଉସ୍ ପାଇଁ ଶୁଭ ଦେଇଛନ୍ତି। ଏହି ପ୍ରକଳ୍ପ ସଂପୃକ୍ତ ଅଞ୍ଚଳ ସହ ପାଶ୍ୱବର୍ତ୍ତୀ ଅଞ୍ଚଳର ପାନୀୟ ଜଳ ସମସ୍ୟାକୁ ଦୂର କରିବାରେ ସହାୟକ ହେବ। ରାଣୀପାଟଣା, ବ୍ୟାଙ୍କ କଲୋନୀ, ଦରଜୀ ପୋଖରୀ ଏବଂ ବାଲିବିଲ ପ୍ରଭୃତି ଅଞ୍ଚଳରେ ଏହି ପ୍ରକଳ୍ପ ଦ୍ୱାରା ଲୋକଙ୍କ ଘରକୁ ସିଧାସଳଖ ପାଣି ପହଞ୍ଚି ପାରିବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସର୍ବେଶ୍ୱର ପାତ୍ର, ଶ୍ରୀହରି ଶୁକ୍ଳା, ପର୍ଶୁରାମ ମହାନ୍ତି, ଦୁର୍ଗାପ୍ରସନ୍ନ ବେହେରା, ପ୍ରଦୀପ ବେହେରା, ସୀତାକାନ୍ତ ସ୍ୱାଇଁ, ଚିତ୍ତରଂଜନ ପଣ୍ଡା, ସତ୍ୟଜିତ ପାଢୀ, ଗଣେଶ ସାମଲ, ଧିରଜ ମହାନ୍ତି, ମଣ୍ଟୁ ପେରିୱାଲ, କଟିଆ ସାହୁ, ବିକାଶ ପାଢୀ, ଅରୂପ ଜେନା, ସୌଭାଗ୍ୟ ମାନସ ନାୟକ, ଜୀବନ ପାତ୍ର, ଚୈତାଲି ଲୋଧ ଏବଂ ସୁସ୍ମିତା ସୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ସଦର ବିଧାୟକଙ୍କ ଦୁର୍ବଳ ନଦୀବନ୍ଧ ଅଞ୍ଚଳ ପରିଦର୍ଶନ

ବାଲେଶ୍ୱର,୨୦।୬(ନି.ପ୍ର): ବାଲେଶ୍ୱର ସଦର ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଦୁର୍ବଳ ନଦୀବନ୍ଧ ଗୁଡିକର ପରିଦର୍ଶନ କରି ସ୍ଥାନେ ସ୍ଥାନେ ହୋଇଥିବା ଖାଇର ସ୍ଥିତି ସମୀକ୍ଷା କରିଥିଲେ। ଆଗାମୀ ବର୍ଷା ଋତୁରେ ବନ୍ୟା ସାମ୍ଭାବ୍ୟ ସ୍ଥାନ ଯଥା ବୁଆଁଳ, ନଗ୍ରମ, ସିନ୍ଧିଆ, ବଇଞ୍ଚା ଏବଂ କୁରାଡିଆ ପଞ୍ଚାୟତର ବିଭିନ୍ନ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳସେଚନ ବିଭାଗର ଯନ୍ତ୍ରୀ ଦିପକ ପ୍ରଧାନଙ୍କ ସହ ବୁଲି କେଉଁଠି ପଥର ପେଚିଙ୍ଗ ଏବଂ ନଦୀ ବନ୍ଧ କାର୍ଯ୍ୟ ଜରୁରୀ ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଆସନ୍ତା ୨୨ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ହେବାକୁ



ଥିବା ରାଜ୍ୟସ୍ତରୀୟ ପ୍ରାକୃତିକ ବିର୍ପ୍ୟ୍ୟୟ କମିଟିରେ ପ୍ରଥମଥର କରି ସଦର ବିଧାୟକ ଶ୍ରୀ ଦତ୍ତ ଯୋଗଦାନ କରିବାର କାର୍ଯ୍ୟ ରହିଥିବା ବେଳେ ସଦର ନିର୍ବାଚନ ମଣ୍ଡଳୀରେ ବନ୍ୟାକୁ ମୁକାବିଲା ପାଇଁ ଉପରୋକ୍ତ ରିପୋର୍ଟକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ଦତ୍ତ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅମ୍ବିକା ବେହେରା, ସରପଞ୍ଚ ସବେଶ୍ୱର ମହାନ୍ତି, ଉତ୍ତମ ପ୍ରଧାନ, ଶ୍ରୀନିବାସ ମହାର୍ଲିକ, ସମିତିସଭ୍ୟ ରବିନାରାୟଣ ମହାପାତ୍ର, ଅନନ୍ତ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତି ପ୍ରତିଷ୍ଠା ପାଇଁ ଅସ୍ଥାୟୀ କମିଟି ଗଠିତ

ଦଶପଲ୍ଲା,୨୦।୬(ନିପ୍ର): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଂଚାୟତର ବୁଗୁଡା ସ୍ଥିତ ମଣୀନାଗ ବହୁମୁଖୀ ମହାବିଦ୍ୟାଳୟ ରେ ଦିର୍ଘ ଦିନ ଧରି କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ମାନଙ୍କରେ ଦେଖାଯାଇଥିବା ବିବାଦର ସମାଧାନ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ସମେତ ସ୍ଥାନୀୟ ସରପଂଚ ସଞ୍ଜୁକ୍ତା ନାୟକ, ସମିତିସଭ୍ୟ ପ୍ରତିମା ନାୟକ, ସାମାଜିକ କର୍ମି ତଥା ସାମ୍ବାଦିକ ରତ୍ନାକର ହୋତା, ଅଂଚଳର ବିଭିନ୍ନ ବୁଦ୍ଧିଜିବୀ ଏବଂ କଲେଜ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ। ବିଶେଷ କରି କଲେଜରେ ଦେଖାଦେଇଥିବା ବିବାଦୀୟ ପରିସ୍ଥିତିକୁ ନେଇ ଛାତ୍ରଛାତ୍ରୀଙ୍କ ପାଠପଢା ଓ କଲେଜର ବିକାଶରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଂଚଳବାସୀ ଅଭିଯୋଗ ଆଣିଛନ୍ତି। ଏସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ଥିବା ବେଳେ ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକରିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଗତ ଜାନୁଆରୀ ମାସରେ ଅଂଚଳବାସୀ କଲେଜର ସମସ୍ୟା ନେଇ ହସ୍ତକ୍ଷେପ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ମଧ୍ୟାହ୍ନ ୧୨ଟାରେ ତହସିଲଦାରଙ୍କ ଉପସ୍ଥିତିରେ କଲେଜ ପରିସରରେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଏବଂ ଅଧ୍ୟାପକ ମାନଙ୍କ ମଧ୍ୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କିଛି ଅଧ୍ୟାପକଙ୍କ ଇପିଏଫ୍ ଅର୍ଥ ଜମା ନହେବା, ଗଭର୍ଣ୍ଣ ବଡି ଗଠନ ନହେବା, ପ୍ରତିମାସରେ କାଉନସେଲିଂ ବୈଠକ ନହେବା ସହ ବିଭିନ୍ନ ଛାତ୍ରଛାତ୍ରୀ +୨ ପରିକ୍ଷାରୁ ବଂଚିତ ହେବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କଥା ଉପରେ ଆଲୋଚନା କରାଯାଇଥିଲା। ଏପରିକି ଅଧ୍ୟକ୍ଷଙ୍କୁ ପରିବର୍ତନ କରିବା ପାଇଁ କିଛି ଅଧ୍ୟାପକ ଅଡି ବସିଥିବା ବେଳେ ଅଧ୍ୟକ୍ଷଙ୍କ ବିଭିନ୍ନ କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିଶେଷରେ ସମସ୍ତ ବାଦବିବାଦକୁ ଦୂର କରି କଲେଜର ବିକାଶ ସହ ଛାତଛାତ୍ରୀଙ୍କ ଉନ୍ନତି ପାଇଁ ସମସ୍ତେ ଏକାଠି ହେବା ପାଇଁ ନିଷ୍ପତି ହୋଇଥିଲା। ଏହାକୁ ନେଇ ଏକ ୧୦ ଜଣିଆ ଅସ୍ଥାୟୀ ପରାମର୍ଶଦାତା କମିଟି ଗଠନ କରାଯାଇଛି। ମହାବିଦ୍ୟାଳୟର ଗଭର୍ଣ୍ଣ ବଡି ଗଠନ ହେବା ପର୍ଯ୍ୟନ୍ତ ଏହି କମିଟି ଏହାର ଦେଖାଶୁଣା କରିବ। ପ୍ରତି ମାସରେ କାଉନସେଲିଂ ବୈଠକ ଅନୁଷ୍ଠିତ ହେବା, ଅଧ୍ୟକ୍ଷ-ଅଧ୍ୟାପକ ମାନଙ୍କ ମଧ୍ୟରେ ଥିବା ମତଭେଦ ଦୂର ହୋଇ ଏକାଠି କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଛି। ଏହି କମିଟିରେ ସଭାପତି ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ ଓ ସମ୍ପାଦକ ଭାବେ ଜଗବନ୍ଧୁ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ମାତ୍ର ଏସମ୍ପର୍କରେ ତହସିଲଦାର ଶ୍ରୀ ଦଳବେହେରା କହିଛନ୍ତି ପୂର୍ବରୁ ଥିବା ବିବାଦ ଦୂର ହୋଇଛି। କଲେଜର କିଭଳି ବିକାଶ ହୋଇ ପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ କୁହାଯିବା ସହ ଏକ କମିଟି ଗଠନ ହୋଇଥିବା କହିଛନ୍ତି।



# ଈଶାଣପୁର ମଠରେ ଗୋଚ୍ଛନ୍ଦ ବ୍ରହ୍ମ ଗାୟତ୍ରୀ ଯଜ୍ଞ

**ତିହିଡ଼ି,୨୦।୬(ନିପ୍ର):** ତିହିଡ଼ି ବ୍ଲକର ସର୍ବପୁରାତନ ମଠ ଈଶାଣପୁରରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହେଉଅଛି। ଯଜ୍ଞର ମୁଖ୍ୟ ପୁରୋଧା ପଣ୍ଡିତ ଦିଲିପ କୁମାର ଉଦ୍‌ଗାତା, ସହଯୋଗୀ ଅରୁଣ କୁମାର ପଣ୍ଡା, ସତ୍ୟବ୍ରତ ମିଶ୍ର, ଉଦୟ ନାରାୟଣ ପତି ଓ ମଦନମୋହନଙ୍କ ଦ୍ୱାରା ଯଥାବିଧି ଅନୁଷ୍ଠିତ ହୋଇଛି। ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଦ୍ୱାରା ୧୬ ଓ ୧୭ ତାରିଖରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେ ସରଳଭାବେ ଗୀତାର ମହାତ୍ମ୍ୟ ବୁଝାଇଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରାୟ ୭୦ ବର୍ଷରୁ ପୂର୍ବରୁ କେନ୍ଦ୍ରାପଡ଼ା ଅଞ୍ଚଳରୁ ବାବା ଅନନ୍ତ କିଶୋର ଦାସ ଈଶାଣପୁର ଗ୍ରାମବାସୀଙ୍କ ସହଯୋଗରେ ଏହି ମଠି ସ୍ଥାପନ କରିଥିଲେ। ସେହିଦିନ ଠାରୁ ଗାୟତ୍ରୀ ଯଜ୍ଞ ପ୍ରତ୍ୟେକ ବର୍ଷ ପ୍ରଥମ ରଜରେ ଆରମ୍ଭ ହୋଇଥାଏ। ଗ୍ରାମବାସୀଙ୍କ ସହଯୋଗରେ ଏହି ମଠରେ ରାହାସ ଉତ୍ସବ ଓ ଗାୟତ୍ରୀ ଯଜ୍ଞ ଦୁଇଗୋଟି ପର୍ବ ଧୁମଧାମରେ ପାଳନ ହୋଇଥାଏ।



# ଦାଦାବଟି ଆଦାୟ, ମହିଳାଙ୍କୁ ଅସଦାଚରଣ ଓ ଦେଶୀ ବନ୍ଧୁକ ଜବତ ଘଟଣାରେ ଜଣେ ଅଟକ

ରାଜନଗର,୨୦।୬(ନିପ୍ର): ରାଜନଗର ବ୍ଲକ ଘଡିଆମାଳ ପଚାଂୟତ ପଟୁଂପଲୀ ଗ୍ରାମରେ ଦାଦାବଟି ଆଦାୟ ଧମକ, ମହିଳାଙ୍କୁ ଅସଦାଚରଣ ଏବଂ ବନ୍ଧୁକ ଜବତ ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଏହି ଗାଁର ଦୁର୍ଯ୍ୟୋଧନ ପାତ୍ରଙ୍କ ଘରେ ସେହି ଗାଁର ରାକେଶ ନାୟକ(ଲିଜୁନା) ପଶି ହାତରେ ଦେଶୀ ବନ୍ଧୁକ ଧରି ଦାଦାବଟି ପାଇଁ ଧମକ ଦେବା ସହ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ରାଜନଗର ପୋଲିସ ରାକେଶକୁ ଅଟକ ରଖିବା ସହ ତାଠାରୁ ଦେଶୀ ବନ୍ଧୁକ ଜବତ କରିଛନ୍ତି। ତାଠାରୁ ଅଧିକ ତଥ୍ୟ ଆଦାୟ କରିବା ପାଇଁ ପୋଲିସ ତାକୁ ଅଟକ ରଖି ପଚରାଉଚରା କରୁଥିବା ଏସଡିପିଓ ରଂଜନକୁମାର ଦେ ସୂଚନା ଦେଇଛନ୍ତି।



# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ରାଜ୍ୟର ବିକାଶ କ୍ଷେତ୍ରରେ ଅନେକ ପ୍ରସଙ୍ଗ ଥିବା ନେଇ ରାଜ୍ୟ ବିଜେପି ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ କୃତଜ୍ଞତା

ଭୁବନେଶ୍ୱର,୨୦।୦୬(ନିପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ସହଯୋଗରେ ଗତ ୫ ବର୍ଷରେ ରାଜ୍ୟରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଛି ଏବଂ ଆଗାମୀ ଦିନରେ ଅନେକ ବିକାଶମୂଳକ କାର୍ଯ୍ୟ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଆଜିର ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ରାଜ୍ୟର ବିକାଶ କ୍ଷେତ୍ରରେ ଅନେକ ପ୍ରସଙ୍ଗ ଥିବା କାରଣରୁ ରାଜ୍ୟ ବିଜେପି ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୫ ବର୍ଷ ଶାସନରେ କେନ୍ଦ୍ର ସରକାର 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ' ଆଧାରରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେଥିରେ 'ସବକା ବିଶ୍ୱାସ' ଯୋଡି ଆଗାମୀ ୨୦୨୨ ସୁଦ୍ଧା ଏକ ନୂଆ ଭାରତ ଗଠନ ହେବା ସହ ଶକ୍ତିଶାଳୀ ଭାରତର ଗଠନ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ ବୋଲି ମହାମହିମ ରାଷ୍ଟ୍ରପତି ଆଜି ସଂସଦର ମିଳିତ ଅଧିବେଶନରେ ଦେଇଥିବା ନିଜ ଅଭିଭାଷଣରେ କହିଛନ୍ତି। ନୂଆ ଭାରତ ଗଠନରେ ଓଡିଶା ଏକ ବଡ ଭୂମିକା ନେବ। ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ୬୧ କୋଟିରୁ ଅଧିକ ମତଦାନ, ପ୍ରଥମ ଥର ପାଇଁ ସର୍ବାଧିକ ୭୮ ଜଣ ମହିଳା ନିର୍ବାଚିତ ହେବା ନିଶ୍ଚିତ ଭାବେ ସୁସ୍ଥ ଗଣତନ୍ତ୍ର ପାଇଁ ଉଦାହରଣ ସୃଷ୍ଟି କରିପାରିଛି। ଦେଶର ବିଭିନ୍ନ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ନମାମି ଗଙ୍ଗା ଯୋଜନାରେ ରାଜ୍ୟର ମୁଖ୍ୟ ମହାନଦୀ ସମେତ କାବେରୀ, ପେରିୟାର, ଯମୁନା ଏବଂ ଗୋଦାବରୀ ଭଳି ଅନ୍ୟ ନଦୀକୁ ପ୍ରଦୂଷଣମୁକ୍ତ ରଖାଯିବ। ଜଙ୍ଗଲ, ବନ୍ୟ ଜୀବଜନ୍ତୁ ଏବଂ ପର୍ଯ୍ୟାବରଣ ସଂରକ୍ଷଣରେ କେନ୍ଦ୍ର ସରକାର ଗମ୍ଭୀର ଭାବେ କାର୍ଯ୍ୟ କରୁଛନ୍ତି। ଜଳବାୟୁ ପରିବର୍ତନ ଏବଂ ଗ୍ଲୋବଲ ୱାର୍ମିଙ୍ଗକୁ ରୋକିବା ପାଇଁ ଭାରତର ସକ୍ରିୟ ଚେଷ୍ଟାରେ ଆନ୍ତର୍ଜାତିକ ସୋଲାର ଆଲାଏନ୍ସର ଗଠନ କରାଯିବା ଅତ୍ୟନ୍ତ ଉତ୍ସାହଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଭାରତମାଳା ପରିଯୋଜନା ଆଧାରରେ ଦେଶରେ ୩୫ ହଜାର କିମି ଜାତୀୟ ରାଜପଥ ନିର୍ମାଣ କରାଯିବ। ସେହିପରି ସାଗରମାଳା ପରିଯୋଜନାରେ ଦେଶର ଉପକୂଳ ଅଂଚଳରେ ଥିବା ବନ୍ଦରଗୁଡିକର ପାଖାପାଖି ଅଂଚଳରେ ନୂଆ ସଡକ ନିର୍ମାଣ କରାଯିବା ଦ୍ୱାରା ଓଡିଶା ଭଳି ରାଜ୍ୟ ବିଶେଷ ଭାବେ ଉପକୃତ ହେବା ସହ ଓଡିଶାବାସୀ ଲାଭାନ୍ୱିତ ହୋଇପାରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଅନ୍ତରିକ୍ଷ ଟେକ୍ନୋଲୋଜି ସହାୟତାରେ ଜଳ, ସ୍ଥଳ ଏବଂ ଆକାଶରେ ଆମ ସୁରକ୍ଷା ମଜବୁତ ହୋଇଛି। ପାଣିପାଗର ସଠିକ ପୂର୍ବାନୁମାନ ଦ୍ୱାରା ପୂର୍ବାନୁମାନ କରି ଜନ ଜୀବନ ସୁରକ୍ଷିତ ରଖାଯାଇପାରିଛି। ସେହିପରି ଉଜ୍ଜଳା ଯୋଜନା ଦ୍ୱାରା ଧୂଆଁରୁ ମୁକ୍ତି, ମିଶନ ଇନ୍ଦ୍ରଧନୁଷ ଯୋଜନାରେ ଟୀକାକରଣ ଏବଂ ସୌଭାଗ୍ୟ ଯୋଜନା ଅନୁସାରେ ମାଗଣା ବିଦ୍ୟୁତ ସଂଯୋଗ ଦ୍ୱାରା ସବୁଠୁ ଅଧିକ ଗ୍ରାମୀଣ ମହିଳା ଲାଭାନ୍ୱିତ ହୋଇଛନ୍ତି ଏବଂ ବିଶେଷ କରି ଓଡିଶା ଏବଂ ଓଡିଶାବାସୀଙ୍କ ବିକାଶ ହୋଇପାରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ଆଇନ୍ ସଚେତନତା ଶିବିର ଅନୁଷ୍ଠିତ

କଟକ, ୨୦।୬ (ନି.ପ୍ର.): ୪୨ମୌଜା ବ୍ରହ୍ମପୁର ପଂଚାୟତ ଅନ୍ତର୍ଗତ ଶ୍ରୀରାମ ଗ୍ରାମରେ ପ୍ରଥମକରି ଓଡିଶା ଲିଗାଲ୍ ଏଡ୍ କାଉନ୍‌ସିଲ, କଟକ ତରଫରୁ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ କରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଗୋପାଳ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଗ୍ରାମର ସମାଜସେବୀ ତଥା ଅଧିକାରୀ ବସନ୍ତ କୁମାର ପଣ୍ଡା ଏହି ସଭାକୁ ପରିଚାଳନା କରିଥିଲେ । ସାଧାରଣ ଗ୍ରାମ୍ୟ ଜୀବନରେ ମଧ୍ୟବିତ ଓ ନିମ୍ନସ୍ତରର ବ୍ୟକ୍ତିବିଶେଷମାନେ ନିଜର ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇ ମାନସିକ ନିର୍ଯାତିତ ଭଳି ଜୀବନ ନିର୍ବାହରେ ଏହି ଅନୁଷ୍ଠାନ କିପରି ସେମାନଙ୍କ ସମସ୍ୟା ସମାଧାନ କରୁଅଛି ଏବଂ ଏଥି ସହିତ ଅନ୍ୟାନ୍ୟ ଶିକ୍ଷା ଓ ପରିବେଶ ଉପରେ ଏହାର କାର୍ଯ୍ୟକାରିତା ରହିଛି ସେ ସମ୍ବନ୍ଧରେ ଓଡିଶା ଲିଗାଲ୍ ଏଡ୍ କାଉନ୍‌ସିଲ କଟକର ସମ୍ପାଦକ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ବରିଷ୍ଠ ଆଇନଜିବୀ ଦୁଃଖିଶ୍ୟାମ ଦାସ, ସରୋଜ କୁମାର ପଟେଲ, ନଳିନୀକାନ୍ତ ମହାନ୍ତି ସେମାନଙ୍କର ଜନସାଧାରଣଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ୱେଚ୍ଛାକୃତ ଅବଦାନ ପାଇଁ ସ୍ୱିକୃତୀ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ଗ୍ରାମର ମୁରବୀ ତଥା ବୁଦ୍ଧିଜିବୀ ସୂର୍ଯ୍ୟମଣୀ ପଣ୍ଡା, ଶ୍ରୀନିବାସ ଦିକ୍ଷୀତ୍, ଦୁର୍ଗାଶଙ୍କର ଦାଶ, ରବିନ୍ଦ୍ର ଦିକ୍ଷୀତ୍ ଏବଂ ଯୁବସଙ୍ଗଠକ ସୁବ୍ରତ ପଣ୍ଡା ନିଯୁକ୍ତି ସୁଯୋଗ ସମ୍ବନ୍ଧୀୟ ସହାୟତା ନିମନ୍ତେ ଆଇନ୍ ସହାୟତା ଅନୁଷ୍ଠାନର ସହଯୋଗ କାମନା କରିଥିଲେ ।

# ରେଡ୍‌କ୍ରସ୍ ପୁରସ୍କାର ବିତରଣ ଉତ୍ସବ

## ସେବାରୁ ଆନନ୍ଦ ମିଳେ ଏବଂ ଆନନ୍ଦ ହିଁ ଜୀବନର ସର୍ବୋତ୍ତମ ଲକ୍ଷ୍ୟ: ରାଜ୍ୟପାଳ



ଭୁବନେଶ୍ୱର, ୨୦/୦୬: ଆନନ୍ଦ ହିଁ ଜୀବନର ସର୍ବୋତ୍ତମ ଲକ୍ଷ୍ୟ । ପ୍ରତ୍ୟେକ ମଣିଷ ଆନନ୍ଦର ସୃଷ୍ଟି: ସ୍ଥିତି ଓ ବିଲୟ ମଧ୍ୟ ଆନନ୍ଦରେ ହେବା ଶ୍ରେୟସ୍କର । ଏହି ଆନନ୍ଦ ଅନ୍ୟର ସେବାରୁ ହିଁ ମିଳିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ମାନବ ସେବାର କୌଣସି ବିକଳ୍ପ ନାହିଁ । ଏହି ସେବା ଆଧ୍ୟାତ୍ମିକ ଉତ୍ତରଣର ପ୍ରକ୍ରିୟା ଓ ପାହାଚ । ବିନା ଆଶାରେ ସେବା କରିବା ଓ ଲୋକଙ୍କ ମୁହଁରେ ହସ ଫୁଟେଇବା ପାଇଁ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଯେଭଳି କାର୍ଯ୍ୟ କରୁଛନ୍ତି, ତାକୁ ପ୍ରଶଂସା କରି ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅଧ୍ୟକ୍ଷ ପ୍ରଫେସର ଲାଲ କହିଲେ ଯେ ମଣିଷ ମୁହଁରେ ହସ ହିଁ ଏକ ଶାଶ୍ୱତ କୃତି । ଏହା ଯେଭଳି ବ୍ୟାପକ ହେବ, ସେଥିପାଇଁ ରେଡ୍‌କ୍ରସ ସବୁମନ୍ତେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଆଜି ରାଜଭବନରେ ଆୟୋଜିତ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ସେବା ହେଉଛି ଭକ୍ତିଯୋଗ, କର୍ମଯୋଗ ଓ ଜ୍ଞାନଯୋଗର ସମନ୍ୱିତ ରୂପ । ରେଡ୍‌କ୍ରସର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ଜୁନିଅର ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ରେଡ୍‌କ୍ରସର ସେବାମୂଳକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା କହିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଓଡ଼ିଶା ଯୁବ ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ନବ କିଶୋର ଦାସ ସେବା ହିଁ ପ୍ରାର୍ଥନା ବୋଲି ପ୍ରକାଶ କରିବା ସହ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ରେଡ୍‌କ୍ରସର କାର୍ଯ୍ୟକୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରିଥିବା ଏକ ବଡ଼ ଉପଲବ୍ଧି ବୋଲି ପ୍ରକାଶ କରି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଡ. ଅରୁଣ କୁମାର ସାହୁ ଓଡ଼ିଶାର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ରେଡ୍‌କ୍ରସ ପ୍ରେରିତ କରିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ରେଡ୍‌କ୍ରସ ନିମନ୍ତେ ଜୀବନବ୍ୟାପି ସଂପୃକ୍ତି ଓ ସହଯୋଗ ନିମନ୍ତେ ସ୍ୱର୍ଗତ ରବିରନ୍ ଦାସ, ସ୍ୱର୍ଗତ ସୁଧାଂଶୁ ଭୂଷଣ ମିଶ୍ର ଓ ବିଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରେଡ୍‌କ୍ରସର କାର୍ଯ୍ୟ ନିମନ୍ତେ ପାଣ୍ଠି ସଂଗ୍ରହ ତଥା ଦକ୍ଷ ପରିଚାଳନା ପାଇଁ କେନ୍ଦୁଝର, ଯାଜପୁର ଓ ସମ୍ବଲପୁରର ଜିଲ୍ଲାପାଳମାନଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ରାଜ୍ୟପାଳଙ୍କ ସଚିବ ବିଶାଳ ଗଗନ ଓ 'ସ୍ୱାଭିମାନ' ଅନୁଷ୍ଠାନର ସଚିବ ଶ୍ରୁତି ମହାପାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ ଇଂରାଜୀ ଭାଷାରେ ବ୍ରେଲିରେ ପ୍ରାଥମିକ ଚିକିତ୍ସା ପୁସ୍ତକ ଓ ରେଡ୍‌କ୍ରସର ନିଉଜ୍ ଲେଟରକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ । ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ଅବୈତନିକ ସଚିବ ମେଜର ଡ. କଳ୍ପନା ଦାସ ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ବିବରଣୀ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସୂଚନା ଦେଇଥିଲେ ।

## ଶହିଦଙ୍କୁ ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୦/୬: ଜାମ୍ମୁ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଦ୍ୱାରା ବିସ୍ଫୋରଣରେ ଶହୀଦ ହୋଇଥିବା କାମାକ୍ଷାନଗର ଅଞ୍ଚଳର ଅଜିତ୍ କୁମାର ସାହୁଙ୍କୁ ୧୨୦ ବାଟାଲିୟନ୍‌ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଶହୀଦ ଅଜିତ୍ କୁମାର ସାହୁଙ୍କ ମର ଶରୀର ଗତ କାଲି ମଧ୍ୟ ରାତ୍ରରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା । ଏହା ପରେ ଆଜି ଭୋର ୫.୩୦ ସମୟରେ ୧୨୦ ବାଟାଲିୟନ୍‌ଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉପସ୍ଥିତିରେ ବାଟାଲିୟନ୍ ପକ୍ଷରୁ ଅଜିତ୍ କୁମାର ସାହୁଙ୍କୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶହୀଦ ଅଜିତ୍ ସାହୁଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆତଙ୍କବାଦୀଙ୍କ ଏପରି ଘୃଣ୍ୟ କାର୍ଯ୍ୟକୁ ଶ୍ରୀ ମଲ୍ଲିକ ନିନ୍ଦା କରିବା ସହ ଶହୀଦ ଅଜିତ୍ ସାହୁଙ୍କ ବୀରତ୍ୱକୁ ଏ ମାଟି କେବେ ବି ଭୁଲି ପାରିବ ନାହିଁ ବୋଲି କହିଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ ଶହୀଦ ଅଜିତ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ତାଙ୍କ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶହୀଦ ଅଜିତ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ରାଜଧାନୀରେ ବିଏମ୍‌ସିର ପଲିଥିନ୍ ଚଢ଼ାଉ



ଭୁବନେଶ୍ୱର, ୨୦।୬ (ନି.ପ୍ର.): ପଲିଥିନ୍ ବ୍ୟାନ୍‌କୁ କଡ଼ାକଡ଼ି କରିବା ପାଇଁ ବିଏମ୍‌ସିର ନୂଆ ଯୋଜନା । ବହୁବାର ବାରଣ କରିବା ସତ୍ତ୍ୱେ ମାଛ ମାଂସ ବେପାରୀମାନେ ପଲିଥିନ୍ ବ୍ୟବହାର ଜାରି ରଖିଛନ୍ତି । ଏହାସହିତ ଏହି ସାମଗ୍ରୀ ନେବା ପାଇଁ ଆସୁଥିବା ଗ୍ରାହକମାନେ ବି ହାତରେ ବ୍ୟାଗ୍ ନେଇ ଆସୁନାହାନ୍ତି । ଫଳରେ ରାଜଧାନୀରେ ପଲିଥିନ ବ୍ୟାନ୍ ଉପରେ ଅଙ୍କୁଶ ଲାଗିପାରୁନାହିଁ । ତେବେ ଏହାକୁ ରୋକିବା ପାଇଁ ଏମାନଙ୍କ ଉପରେ ଚଢ଼ଉ ଟିମ୍‌ର ନଜର ପଡ଼ିଛି । ସେଥିପାଇଁ ବିଶେଷ କରି ଆମିଷ ବାରରେ ଏହି କାରବାର ଅଧିକ ହେଉଥିବାରୁ, ଏଣିକି ପ୍ରତି ବୁଧବାର ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ କଡ଼ାକଡ଼ି କରାଯିବ । ପୂର୍ବରୁ ବିଏମ୍‌ସି ପକ୍ଷରୁ ଗଠନ ହୋଇଥିବା ଦୁଇଟି ସ୍କ୍ୱାଡ୍ ସହିତ ମହାନଗର ନିଗମର ୩ଟି ଜୋନ୍ ଏବେ ଚଢ଼ଉ କାମକୁ ଜୋରଦାର କରିବେ । ସେଥିପାଇଁ ପ୍ରତି ଜୋନ୍‌ରେ ନୂଆ ଟିମ୍ ଗଠନ କରାଯାଇଛି । ୩ଟି ଜୋନାଲ୍ ଡେପୁଟିକମିଶନରମାନଙ୍କ ଅଧିନରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍‌ରେ ଦୁଇଟି ଲେଖାଏଁ ସ୍କ୍ୱାଡ୍ ସାମିଲ ହେବେ ।ପ୍ରତି ଟିମ୍‌ରେ ପୁଲିସ କର୍ମଚାରୀମାନେ ମଧ୍ୟ ସାମିଲ ହେବେ । ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ଏହି ବ୍ୟବସ୍ଥା କରାଯଇଛି । ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ସପ୍ତାହର ବୁଧବାରେ ଏହି ସ୍କ୍ୱାଡ୍ ପୁଲିସର ସହଯୋଗରେ ଚଢ଼ଉ କରିବେ । ମାଛ, ମାଂସ ଦୋକାନ ସହିତ ଖାଇବା ଦୋକାନ ଇତ୍ୟାଦିକୁ ଯାଇ ଏହି ସ୍କ୍ୱାଡ୍ ବିଭିନ୍ନ ବ୍ୟାନ୍ ସାମଗ୍ରୀର ତନଖି କରିବେ । ତେବେ ଇତିମଧ୍ୟରେ ବଭିନ୍ନ ମଲ୍, ଦୋକାନ, ବଜାର, କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ୪୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବା ସହି ୨ କ୍ୱିଂଟାଲ୍ ପଲିଥିନ୍ ଜବତ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

## ଏନସେଫାଲାଇଟିସ୍ ସଂକ୍ରମିତ ଅଂଚଳରେ ଆମ୍ବୁଲାନ୍ସ ମୁତୟନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୦।୬: ବିହାର ମୁଜାଫରପୁର ଏବଂ ପାର୍ଶ୍ୱବର୍ତୀ ଜିଲ୍ଲାଗୁଡ଼ିକରେ ଏନସେଫାଲାଇଟିସ ରୋଗ ବ୍ୟାପିବା ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ସଂକ୍ରମିତ ଅଂଚଳରେ ୮ଟି ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ମୁତୟନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗୁରୁତର ରୋଗୀଙ୍କୁ ପରିବହନ କରିବା ଲାଗି ୮ଟି ଅତିରିକ୍ତ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି । ୧୦ ଜଣ ଶିଶୁ ରୋଗ ବିଶେଷଜ୍ଞ ଏବଂ ୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଗଠିତ କେନ୍ଦ୍ରୀୟ ଦଳ ଘଟଣାସ୍ଥଳରେ ପହଁଚି ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି । ଆହୁରି ଡ. ହର୍ଷ ବର୍ଦ୍ଧନ କହିଛନ୍ତି ଯେ ମାମଲାର ଅନୁଧାନ ଏବଂ ଆଗୁଆ ରୋଗ ଚିହ୍ନଟ କରିବା ସହିତ ଦୈନିକ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ୧୬ଜଣ ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରୋଗପ୍ରବଣ ବ୍ଲକଗୁଡ଼ିକୁ ପଠାଯାଇଛି । ସେମାନଙ୍କ କାର୍ଯ୍ୟାଳୟ ମଧ୍ୟ ସମ୍ପୃକ୍ତ ବ୍ଲକଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିବା ସେ କହିଛନ୍ତି ।

ଡ. ହର୍ଷ ବର୍ଦ୍ଧନ ମଧ୍ୟ କହିଛନ୍ତି ଯେ ଜିଲ୍ଲାପାଳମାନେ ଏବେ ବ୍ୟକ୍ତିଗତ ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି । ସେ ମଧ୍ୟ ବରିଷ୍ଠ ଉପ ଜିଲ୍ଲାପାଳ/ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ବ୍ଲକସ୍ତରୀୟ ଦଳର ନେତୃତ୍ୱ ନେବା ଲାଗି ନିୟୋଜିତ କରିଛନ୍ତି । ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ଦଳକୁ ସହାୟତା କରିବେ । ଆଗୁଆ ରୋଗ ନିରୂପଣ ଲାଗି ଦୈନିକ ନିରୀକ୍ଷଣ ଏବଂ ଅନୁଧାନ ବ୍ୟବସ୍ଥା କରିବା ଲାଗି ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସାମାଜିକ ସର୍ବେକ୍ଷଣ ଆରମ୍ଭ କରାଯାଇଛି । ଘରକୁ ଘର ବୁଲି ସମ୍ଭାବ୍ୟ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ଆଗୁଆ ଚିକିତ୍ସା ଲାଗି ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଉଛି । ବରିଷ୍ଠ ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଚାନକ ନିରୀକ୍ଷଣ ମଧ୍ୟ କରାଯାଉଛି । ଏହାବ୍ୟତୀତ, ବରିଷ୍ଠ ଉପଜିଲ୍ଲାପାଳ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ସକାଳୁଆ ଅନୁଧାନ ଆରମ୍ଭ କରିଛନ୍ତି । ସଂକ୍ରମିତ ଗ୍ରାମର ପ୍ରତ୍ୟେକ ଘରେ ଓଆରଏସ ବଂଟାଯାଉଛି । ଏନସେଫାଲାଇଟିସ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏଏନଏମ ଏବଂ ଆଶାକର୍ମୀମାନଙ୍କୁ ଘରକୁ ଘର ବୁଲି ପ୍ରଚାରପତ୍ର ବାଂଟିବା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଲାଗି କୁହାଯାଇଛି । ମାଇକ ଯୋଗେ ଏବଂ ବ୍ୟକ୍ତିଗତ ଭାବେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଉଛି ।

## ମିସ ରଜ ୨୦୧୯କୁ ମୁକୁଟ ପିନ୍ଧାଇଲେ ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ



ଭୁବନେଶ୍ୱର, ୨୦।୬ (ନି.ପ୍ର.): ସଦ୍ୟତମ ଟ୍ରେଣ୍ଡ ପାଇଁ ଭାରତର ଅଗ୍ରଣୀ ଫେସନ ସ୍ଥାନ ଲାଇଫଷ୍ଟାଇଲ ପକ୍ଷରୁ 'ଲାଇଫଷ୍ଟାଇଲ ରଜ ଷ୍ଟାଇଲ ଫେଷ୍ଟ'ର ଗ୍ରାଣ୍ଡ ଫିନାଲେ ଜରିଆରେ ଭୁବନେଶ୍ୱରର ଶ୍ରେଷ୍ଠ ଫେସନକୁ ସାମ୍ନାକୁ ଆଣିଛି । ଏହି ଫେଷ୍ଟ ସହରର ଫେସନପ୍ରେମୀ ଯୁବପିଢିଙ୍କ ଷ୍ଟାଇଲ ସମ୍ବେଦନଶୀଳତା ଏବଂ ଅଭିଳାଷକୁ ସହରର ସବୁଠୁ ବଡ଼ ଫେସନ ସୋ ଜରିଆରେ ପ୍ରଦର୍ଶିତ କରିଛି । ଏହି କାର୍ଯ୍ୟକ୍ରମ ଏକ ମେଗା ଫେସନ ସୋ'ରେ ଶେଷ ହୋଇଥିଲା । ଭୁବନେଶ୍ୱରର ସବୁଠୁ ଫେସନେବଲ ସ୍ଥାନ ଏସପ୍ଲାନେଡ ୱାନ ମଲରେ ସହରର ଫେସନ ପ୍ରେମୀମାନେ ଏଥିରେ ସାମିଲ ହୋଇଥିଲେ ।

ଭୁବନେଶ୍ୱରର ଫେସନ ଭାବକୁ ପରବର୍ତି ସ୍ତରକୁ ନେଇ ଲାଇଫଷ୍ଟାଇଲ ରଜ ଷ୍ଟାଇଲ ଫେଷ୍ଟ ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ଏହି ଗୌରବମୟ ଫିନାଲେର ରାମ୍ପରେ ଚାଲୁଥିବା ଦେଖିବାକୁ ମିଳିଥିଲା । ସେମାନେ ଲାଇଫଷ୍ଟାଇଲର ନୂଆ ସମ୍ଭାର ଓ ଏହି ଋତୁର ସଦ୍ୟତମ ଟ୍ରେଣ୍ଡକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା । ବିଚାରପତିମାନଙ୍କ ଦ୍ୱାରା ପ୍ରାର୍ଥୀଙ୍କ ପ୍ରଦର୍ଶନକୁ ଅନୁଶୀଳନ କରାଯାଇଥିଲା । ପୂର୍ବରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ ମିସ ରଜ ୨୦୧୯ର ଶ୍ରେଷ୍ଠ ଯୁବତୀ ପ୍ରତିଯୋଗୀଙ୍କୁ ବିଜୟୀ ମୁକୁଟ ପିନ୍ଧାଇଥିଲେ ।

ଲାଇଫଷ୍ଟାଇଲ ନିରବଚ୍ଛିନ୍ନ ଭାବେ ପ୍ରତିଟି ଗ୍ରାହକଙ୍କୁ ଫେସନ ଯାତ୍ରାର ସମସ୍ତ ଟଚ ପଏଂଟ ଯଥା ଅନଲାଇନ, ମୋବାଇଲ, ଷ୍ଟୋର ଭିତରେ ଏବଂ ସୋସିଆଲ ମିଡିଆରେ ଜୀବନର ସଦ୍ୟତମ ଟ୍ରେଣ୍ଡ ପ୍ରଦାନ କରୁଛି । ଏହି ଋତୁରେ ଏହି ବ୍ରାଣ୍ଡ ପକ୍ଷରୁ ଗ୍ରାହକମାନଙ୍କୁ ସଦ୍ୟତମ ଆନ୍ତର୍ଜାତିକ ଟ୍ରେଣ୍ଡ ଓ ଶ୍ରେଷ୍ଠ ବ୍ରାଣ୍ଡକୁ ଗୋଟିଏ ଛାତ ତଳେ ସୁବିଧାରେ ପ୍ରଦାନ କରି ଗ୍ରାହକମାନଙ୍କୁ ରୋମାଂଚିତ କରୁଛି ।

### ସରକାରୀ ଇଂଜିନିୟରଙ୍କୁ ବିଧାୟକ ଉଠବସ କରାଇବା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ କଲା ବିଜେପି



ଭୁବନେଶ୍ୱର,୨୦/୬ (ନି.ପ୍ର.): ଜଣେ ସରକାରୀ ଇଂଜିନିୟରଙ୍କୁ ରାଜରାସ୍ତାରେ ସର୍ବସମ୍ମୁଖରେ ପାଟଣାଗଡ ବିଧାୟକ ସରୋଜ ମେହେର ଉଠବସ କରାଇବା ପରେ ବି ଆଜି ପର୍ଯ୍ୟନ୍ତ ବିଧାୟକଙ୍କୁ ଗିରଫ କରାଯାଇନାହିଁ । ଘଟଣାକୁ ୧୪ ଦିନ ବିତିଥିଲେ ବି ପୋଲିସ ଚୁପ ବସିଛି । ଖୋଦ୍ ବିଧାୟକ ଜୁନିୟର ଇଜିଂନିୟର ଜୟକାନ୍ତ ଶବରଙ୍କୁ ଉଠ ବସ କରାଇଥିବା କଥା ମାନି ସାରିଛନ୍ତି । ଏଥି ସହ ବଲାଙ୍ଗୀର ଜିଲ୍ଲାପାଳ ମଧ୍ୟ ନିଜେ ତାଙ୍କ ରିପୋର୍ଟରେ ଲେଖି ସାରିଛନ୍ତି କି ବିଧାୟକ ଦୋଷ କରିଛନ୍ତି । ଏହା ସତ୍ତ୍ୱେ ବି ବିଧାୟକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଜେପି ସଂପାଦିକା ଡ.ଲେଖାଶ୍ରୀ ସାମନ୍ତ ସିଂହାର ଅଭିଯୋଗ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ମୁଖ୍ୟ ହୋଇ ଏ ଘଟଣାକୁ ଗୁରୁତର ଭାବେ ନନେଇ ନବନିର୍ବାଚିତ ବିଧାୟକଙ୍କୁ ସୁରକ୍ଷା ଯୋଗାଉଛନ୍ତି । ଆଇନ ତା ବାଟରେ ଯିବ ବୋଲି କହୁଥିବା ମୁଖ୍ୟମନ୍ତ୍ରୀ ଆଜି ନିଜ ଦଳର ନବନିର୍ବାଚିତ ବିଧାୟକଙ୍କ ଦୋଷ ଘୋଡାଇ କାହିଁକି ଚୁପ ବସିଛନ୍ତି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି ।

ଡ.ସାମନ୍ତସିଂହାର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଆଦିବାସୀ ବିରୋଧୀ । ପୂର୍ବରୁ ଶାସକ ଦଳର ଅନେକ ନେତା ଆଦିବାସୀ, ଦଳିତ ଏବଂ ମହିଳାଙ୍କ ଉପରେ ଅତ୍ୟାଚାର କରିବା ପରେ ଆଇନକୁ ବାଟବଣା କରିଛନ୍ତି । ଆଦିବାସୀ ଏବଂ ପଛୁଆ ବର୍ଗର ଲୋକମାନଙ୍କ ପାଇଁ କଣ ରାଜ୍ୟରେ କୌଣସି ଆଇନ ଲାଗୁ ହେଉନାହିଁ । ଶାସକ ଦଳର ବିଧାୟକ ସରକାରୀ ଅଫିସରଙ୍କୁ ଅସମ୍ମାନ କରିବା ପରେ ବି ମୁଖ୍ୟମନ୍ତ୍ରୀ, ଗୃହ ବିଭାଗ ଏବଂ ପୋଲିସ ପ୍ରଶାସନ ଚୁପ ରହିଛି । ସମୟ ଗଡାଇ ବିଧାୟକଙ୍କୁ ବେଲ୍ କରାଇ ଖସାଇଦେବା ପାଇଁ ଷଡଯନ୍ତ୍ର ରଚାଯାଇଛି ।

ଡ.ସାମନ୍ତସିଂହାର କହିଛନ୍ତି ଯେ, ଏଭଳି ଏକ ସମ୍ବେଦନଶିଳ ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ? ଜଣେ ଆଦିବାସୀ ଯୁବକର ଅଧିକାର, ତାଙ୍କର ସମ୍ମାନକୁ ଗୋଇଠା ମାରିଥିବା ଜଣେ ବିଧାୟକ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଏତେ ଦରଦ କାହିଁକି ? ଏଥିରୁ ପ୍ରମାଣିତ ହେଉଛି ଯେ ମୁଖ୍ୟମନ୍ତ୍ରୀ ବିଧାୟକଙ୍କୁ ଘଂଟ ଘୋଡାଇ ଚାଲିଛନ୍ତି । ବିଧାୟକ ସରୋଜ ମେହେର ପବିତ୍ର ବିଧାନସଭାର ଗାରିମାକୁ ହାନି କରିଛନ୍ତି । ବିଧାନସଭା ଆରମ୍ଭ ହେବା ପୂର୍ବରୁ ବିଧାୟକ ସରୋଜ ମେହେରଙ୍କୁ ଗିରଫ କରାଯାଉ ।

ବିଧାୟକ ନିଜେ ନିଜର କ୍ରିମିନାଲ ଅଫେନସକୁ ଗଣମାଧ୍ୟମର କ୍ୟାମେରା ସାମ୍ନାରେ ସ୍ୱିକାର କରିଛନ୍ତି । ତାହା ହେଲେ ପୋଲିସକୁ ଆଉ କେଉଁ ବଡ ପ୍ରମାଣ ଦରକାର ? ପୋଲିସ କାହିଁକି ବିଧାୟକ ସରୋଜ ମେହେରଙ୍କୁ ଗିରଫ କରୁନାହିଁ ? ପୋଲିସ ତୁରନ୍ତ ଭାରତୀୟ ପିଙ୍ଗଲ କୋଡ୍ ଅନୁଯାୟୀ ବିଧାୟକଙ୍କୁ ଗିରଫ କରାଯାଉ ବୋଲି ଡ.ସାମନ୍ତସିଂହାର ଦାବି କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଉମାକା' ପଟ୍ଟନାୟକ ଉପସ୍ଥିତ ଥିଲେ ।

## କୋକାକୋଲା ଇଣ୍ଡିଆ ନୂଆ ସ୍ପୋର୍ଟସ ପାନୀୟ




ନୂଆଦିଲ୍ଲୀ, ୨୦।୬ (ନି.ପ୍ର.): ଗ୍ରାହକମାନଙ୍କୁ ପାନୀୟ ବିକଳ୍ପର ପସନ୍ଦକୁ ସବୁବେଳେ ଅଗ୍ରାଧିକାର ଦେଇଆସୁଥିବା କୋକା-କୋଲା ଇଣ୍ଡିଆ ବିଶେଷ ଭାବରେ ଏକ ନୂତନ ଖେଳକୁଦ ଉପଯୋଗୀ ପାନୀୟ "ପାୱାରେଡ୍"ର ଲଂଚ କରିଛନ୍ତି ଯାହା ଖେଳାଳିମାନଙ୍କ ମଧ୍ୟରେ ଅତି ଶୀଘ୍ର ଜଳ ସଂଚରଣ ତଥା ଅଧିକ ଶକ୍ତି ସହିତ ସ୍ୱାସ୍ଥ୍ୟ ଉପଯୋଗୀମାନଙ୍କୁ ଉତ୍ସାହ ପ୍ରଦାନ କରିପାରିବ । କ୍ରିକେଟ ଜଗତର ତଥା ଖେଳକୁଦର ବିଶିଷ୍ଟ ବ୍ୟକ୍ତିବିଶେଷ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଏବଂ ଆଇସିସି ବିଶ୍ୱକପ କ୍ରିକେଟ ୨୦୧୯ର ଆନୁଷ୍ଠାନିକ ଖେଳକୁଦ ପାନୀୟର ଏହାକୁ ମାନ୍ୟତା ପ୍ରାପ୍ତ ହୋଇଛି । ଏଥିସହିତ "ପାୱାର୍ଡ ବାଇ ପାୱାର" ଭଳି ବିଶେଷ ବିଜ୍ଞାପନକୁ ଏହା ଖେଳାଳିମାନଙ୍କ ପ୍ରଶିକ୍ଷଣ ସ୍ଥଳ ତଥା ବିଜ୍ଞାପନ ବିରତି ଭିତରେ ପ୍ରସାରଣ ପାଇଁ ଅନୁମତି ଲାଭ କରିପାରିଛି ।

ଏକ ବିଶେଷ ସୂତ୍ର ଆଇଓଏନ୍ ୪(ସୋଡ଼ିୟମ, ପଟାସିୟମ, ମ୍ୟାଗ୍ନେସିୟମ) ସହିତ ଆନୁଷ୍ଠାନିକ ଭାବେ ପାୱାରେଡ୍‌ର ଉନ୍ମୋଚନ କୋକାକୋଲା ଇଣ୍ଡିଆର ଖେଳକୁଦ ପାନୀୟ ଯୋଗାଣ ତଥା ସ୍ୱାସ୍ଥ୍ୟ ଉପଯୋଗୀ ଅତି ଉତମ ମାନର ପାନୀୟ ଭାବରେ ଏହା ପ୍ରଥମରୁ ଏକ ବିଶେଷ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇପାରିଛି । ଏହି ପାନୀୟରେ କାର୍ବୋହାଇଡ୍ରେଟ୍ ତଥା ଇଲେକ୍‌ଟ୍ରୋଲାଇଟ୍‌ର ଏକ ଉତମ ସନ୍ତୁଳିତ ମିଶ୍ରଣ ରହିଛି ଯାହା କଠିନ ଶାରିରିକ ବ୍ୟାୟାମ ସମୟରେ ଖେଳାଳିମାନଙ୍କୁ ଅତି ଶୀଘ୍ର ମିଶ୍ରଣ ହେଇପାରୁଥିବା ଶକ୍ତିଶାଳୀ ତରଳର ଅଫୁରନ୍ତ ଉତ୍ସାହ ପ୍ରଦାନ କରିବାରେ ସକ୍ଷମ ହୋଇପାରିବ । ଏକ ଗ୍ରାହକ କୈନ୍ଦ୍ରିକ କମ୍ପାନୀ ଭାବରେ ଆମେ ଗ୍ରାହକ ମାନଙ୍କଠାରୁ ସବୁ ଶୁଣି ଆମର ଅନୁସନ୍ଧାନକୁ ଆହୁରି ଆଗକୁ ବଢ଼ାଇ ସ୍ୱାସ୍ଥ୍ୟପୋଯୋଗୀ ତଥା ଖେଳକୁଦରେ ବିଶେଷ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କୁ ଦୃଷ୍ଟିରେ ରଖି ଆଗକୁ ଆହୁରି ଉନ୍ନତମାନର ଏଭଳି ଶକ୍ତିବର୍ଦ୍ଧକ ପାନୀୟ ପ୍ରସ୍ତୁତିର ସବୁ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେବୁ । ପାୱାରେଡ୍ କୋକା-କୋଲା କମ୍ପାନୀର ଏକ ବିଶ୍ୱସ୍ତରୀୟ ଖେଳକୁଦ ପାନୀୟ ମିଶ୍ରଣ ଅଟେ ଯାହାକି ସ୍ୱାସ୍ଥ୍ୟପୋଯୋଗୀ ତଥା ଖେଳକୁଦରେ ରୁଚି ରଖୁଥିବା ବ୍ୟକ୍ତିବିଶେଷମାନଙ୍କୁ ଏଥିପ୍ରତି ଆହୁରି ଆକୃଷ୍ଟ କରିପାରିବ" । ରିଫ୍ରେସିଙ୍ଗ ମାଉଂଟେନ୍ ବ୍ଲାଷ୍ଟ ତଥା ଅରେଞ୍ଜ ସର୍ଜର ସ୍ୱାଦରେ ପାୱାରେଡ୍ ୫୦୦ ମି.ଲି. ପ୍ଲାଷ୍ଟିକ୍ ବୋତଲରେ ମାତ୍ର ୫୦ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଅଛି । ଏହି ସ୍ପୋର୍ଟସ ପାନୀୟରେ ସମସ୍ତ ପ୍ରକାର ଖେଳକୁଦବୈଜ୍ଞାନିକ ତତ୍ୱ ରହିଅଛି । ଏଥିରେ ପୁନଃ ମିଶ୍ରିତ ସର୍କରାର ଭାଗ ନାହିଁ । ସଠିକ୍ ମାତ୍ରାରେ ଉଚିତ ଜଳଯୋଗାଣ ପାଇଁ କ୍ୟାଲୋରି ସଚେତନ ପାନୀୟ ଗ୍ରାହକଙ୍କ ନିମନ୍ତେ ପାୱାରେଡ୍ ଅଧିକ ପସନ୍ଦ ଅଟେ ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

**● Editor : Sarat Raut** Managing Editor - Bibhuti Bhusan Patra

ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**